# ୭୬ତମ ବନମହୋତ୍ସବ

# 76th Vanamahotsava

## 2025



ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା

ଭୁବନେଶ୍ୱର-୭୫୧୦୨୩



# ୭୬ତମ ବନମହୋତ୍ସବ
# 76th Vanamahotsava

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ, ଓଡ଼ିଶା

ଭୁବନେଶ୍ୱର - ୭୫୧ ୦୨୩

Meri LiFE
Lifestyle for Environment

भारत सरकार
GOVERNMENT OF INDIA
सत्यमेव जयते

प्रकृति रक्षति रक्षिता
Nature Protects if She is Protected





Meri LiFE
Lifestyle for Environment



# EK PED MAA KE NAAM

**6,72,36,535**
**tree planting done during 2024-25**
**(https://merilife.nic.in)**

**Odisha**
**4th Position in the Country**



**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ୭୬ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ବାର୍ତ୍ତା'

୭୬ ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ଓଡିଶାର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଜଙ୍ଗଲ ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ। ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ପରିବେଶର ସନ୍ତୁଳନକୁ ରକ୍ଷା କରି ବିଭିନ୍ନ ପ୍ରାକୃତିକ ଦୁର୍ବିପାକର ସମ୍ଭାବନାକୁ ଜଙ୍ଗଲ ହିଁ ନିୟନ୍ତ୍ରଣ କରିଥାଏ। ସୁତରାଂ ଜଙ୍ଗଲର ସୁରକ୍ଷା ସହିତ ପର୍ଯ୍ୟାପ୍ତ ବୃକ୍ଷରୋପଣ ଏବଂ ଜଙ୍ଗଲ ସଂପଦର ଅଭିବୃଦ୍ଧି ବର୍ତ୍ତମାନ ପାଇଁ ଅପରିହାର୍ଯ୍ୟ।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ସହିତ ଜନସାଧାରଣଙ୍କ ସହଯୋଗ ଦ୍ୱାରା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମନ୍ୱୟରେ **'ଅମୃତମିତ୍ର ଯୋଜନା'** ଆନୁକୂଲ୍ୟରେ ରାଜ୍ୟର ସହରାଞ୍ଚଳ ମାନଙ୍କରେ **'ମହିଳାଙ୍କ ପାଇଁ ଗଛଟିଏ'** ଅଭିଯାନ ଆରମ୍ଭ ହୋଇଅଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବର୍ଷ **'ଏକ ପେଡ଼୍ ମା କେ ନାମ୍ ୨.୦'** ଅଭିଯାନରେ ବିଦ୍ୟାଳୟର ପରିସର ଓ ତତ୍ ସଂଲଗ୍ନ ଅଞ୍ଚଳ ମାନଙ୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସାମିଲ କରି ବୃକ୍ଷରୋପଣ କରିବାର ଯୋଜନା ରଖିଛନ୍ତି।

ତେଣୁ ପବିତ୍ର ବନମହୋତ୍ସବ ପାଳନ ଅବସରରେ ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି।

(ମୋହନ ଚରଣ ମାଝୀ)



**ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ**
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା

## ୭୬ତମ ବନମହୋତ୍ସବ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ 'ବାର୍ତ୍ତା'

ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳିତ ହୋଇଥାଏ। ସବୁଜ ଆଚ୍ଛାଦନ ବୃଦ୍ଧି କରିବା, ବନୀକରଣକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ବନମହୋତ୍ସବ ପାଳନର ଲକ୍ଷ୍ୟ। ୭୬ ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ବନ୍ୟ ସମ୍ପଦ ଦେଶ ସମୃଦ୍ଧିର ଏକ ପ୍ରଧାନ ଉତ୍ସ। ମୃତ୍ତିକା ଓ ଜଳ ସଂରକ୍ଷଣ, ଜୈବ ମଣ୍ଡଳର ସୁରକ୍ଷା, ବାୟୁ ମଣ୍ଡଳରୁ ନିର୍ଗତ ବିଷାକ୍ତ ବାଷ୍ପକୁ ବିଶୋଧିତ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଜଙ୍ଗଲ ନିର୍ବାହ କରିଥାଏ।

ଏପରି ସ୍ଥଳେ, ଆଧୁନିକତାର ବଶୀଭୂତ ମାନବ ସଭ୍ୟତା ଜଙ୍ଗଲ ଅବକ୍ଷୟର ମୁଖ୍ୟ କାରଣ ହୋଇଛି। ଏହାର ଫଳ ସ୍ୱରୂପ, ଆମ୍ଭେମାନେ ଜଳବାୟୁ ପରିବର୍ତ୍ତନ ଜନିତ ବିଭିନ୍ନ ଅଭାବନୀୟ ପରିସ୍ଥିତି ଗୁଡିକର ସମ୍ମୁଖୀନ ହେଉଛୁ। ଏହିସବୁ ପରିସ୍ଥିତିକୁ ଏଡ଼ାଇବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି।

ପ୍ରତିବର୍ଷ ପରି, ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତ ବର୍ଷା ଋତୁରେ ବିଭିନ୍ନ ବନୀକରଣ ଯୋଜନା ଯଥା, କୃତ୍ରିମ ଜଙ୍ଗଲ, ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି କାର୍ଯ୍ୟରେ ୧.୮୩ କୋଟି ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି। ଏତଦ୍ ବ୍ୟତୀତ ସୁଲଭ ମୂଲ୍ୟରେ ଜନସାଧାରଣ ମାନଙ୍କୁ ୩.୨୬ କୋଟି ବୃକ୍ଷ ଚାରା ବଣ୍ଟନ ହେବା ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି।

ସୁତରାଂ, ଏହାର ସୁଯୋଗ ନେଇ ନିଜ ଜମି, ଅନୁଷ୍ଠାନ ପ୍ରାଙ୍ଗଣ ତଥା ପଥପାର୍ଶ୍ୱରେ ଖାଲି ଥିବା ସ୍ଥାନମାନଙ୍କରେ ବ୍ୟାପକ ବୃକ୍ଷରୋପଣ କରିବା ନିମନ୍ତେ ଜନସାଧାରଣଙ୍କର ଅକୁଣ୍ଠ ଓ ସକ୍ରିୟ ସହଯୋଗ କାମନା କରୁଛି।

(ଗଣେଶ ରାମ ସିଂ ଖୁଣ୍ଟିଆ)



**ଶ୍ରୀଯୁକ୍ତ ସତ୍ୟବ୍ରତ ସାହୁ,** ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡ଼ିଶା ସରକାର

## ବାର୍ତ୍ତା

୭୬ ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ସମସ୍ତ ବନ କର୍ମଚାରୀ ଓ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ସାରା ବିଶ୍ୱରେ ଜଳବାୟୁର ପରିବର୍ତ୍ତନ ଓ ପରିବେଶର ଅବକ୍ଷୟ ସକାଶେ ଯେଉଁ ସଙ୍କଟମାନ ସୃଷ୍ଟି ହୋଇଅଛି ତାହା ଆଗାମୀ ଦିନରେ ପୃଥିବୀ ପାଇଁ ଏକ ଘାତକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଅଛି। ଏହିପରି ପରିସ୍ଥିତିରେ ମାନବ ସମାଜର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଉଛି ପ୍ରକୃତିର ସୁରକ୍ଷା। ଜଙ୍ଗଲ ସମ୍ପଦ ହିଁ ପ୍ରାକୃତିକ ସମ୍ପଦର ପ୍ରାଣକେନ୍ଦ୍ର। ପ୍ରକୃତି ସୁରକ୍ଷିତ ନ ହୋଇ ପାରିଲେ ଏହି ସୁନ୍ଦର ପୃଥିବୀ ଧିରେ ଧିରେ ପ୍ରଳୟ ଆଡକୁ ଗତି କରିବ। ପ୍ରାକୃତିକ ସମ୍ପଦ ତଥା କ୍ଷୟଶୀଳ ଅରଣ୍ୟ ସମ୍ପଦର ଅଭିବୃଦ୍ଧି ଏବଂ ପୁନରୁଦ୍ଧାର ପାଇଁ ବ୍ୟାପକ ବନୀକରଣ ସହିତ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତା ଓ ଅବିଚାରିତ ବ୍ୟବହାର ଉପରେ କଟକଣା ଏକ ସମୟୋପଯୋଗୀ ପଦକ୍ଷେପ ହେବା ଉଚିତ୍।

ଏହାର ସଫଳ ରୂପାୟନ ପାଇଁ ୧୯୫୦ ମସିହା ଠାରୁ ନିୟମିତ ଭାବେ ରାଜ୍ୟରେ ପ୍ରତ୍ୟେକ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଉଅଛି।

ଓଡିଶା ରାଜ୍ୟକୁ ଆଚ୍ଛାଦିତ କରିଥିବା ବିଭିନ୍ନ ଜଙ୍ଗଲ ଯଥା ସବୁଜ ଚିରହରିତ୍, ପର୍ଣ୍ଣମୋଚି, ହେନ୍ତାଳ ବଣ ଆଦି ଆମ ରାଜ୍ୟ ଜୈବ ବିବିଧତାର ଅଂଶ ବିଶେଷ। ଭାରତୀୟ ବନସର୍ବେକ୍ଷଣ ସଂସ୍ଥାର ୨୦୨୩ ଆକଳନ ଅନୁଯାୟୀ ଆମ ରାଜ୍ୟର ସମଗ୍ର ଭୌଗୋଳିକ କ୍ଷେତ୍ରଫଳର ୩୭.୬୩ ଶତାଂଶ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ରହିଅଛି ଏବଂ ଏହି ଅଞ୍ଚଳର ପୂର୍ବବର୍ଷ ତୁଳନାରେ ୫୫୮.୫୭ ବର୍ଗ କି.ମି ବୃଦ୍ଧି ଘଟିଛି ଯଦ୍ୱାରା ଜାତୀୟ ସ୍ତରରେ ଆମ ରାଜ୍ୟ ତୃତୀୟ ସ୍ଥାନ ଅଧିକାର କରିଅଛି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ୩୦୯୩.୩୬ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୨୭୦୦୬.୮୭ ହେକ୍ଟର ପରିମିତ ଅଞ୍ଚଳରେ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାର, ୨୦୩୩.୦୦ ରୋ କି.ମି ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ ୧୮୩.୭୮ ଲକ୍ଷ ଚାରା ରୋପଣ ସହିତ ୩୨୬.୩୧ ଲକ୍ଷ ବୃକ୍ଷଚାରା ବଣ୍ଟନ ନିମିତ୍ତ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ପ୍ରଣୀତ ସମସ୍ତ ବନୀକରଣ ଯୋଜନା ମାନଙ୍କର କାର୍ଯ୍ୟାବଳୀ ଏବଂ ଜଙ୍ଗଲର ଅବସ୍ଥିତି ତଥା ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମ ଇତ୍ୟାଦିର ତଥ୍ୟମାନ ଏହି ୭୬ତମ ବନମହୋତ୍ସବ ପୁସ୍ତିକାଟିରେ ପ୍ରକାଶିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ ତଥ୍ୟ ଭିତ୍ତିକ ପୁସ୍ତିକାଟି ସର୍ବ ସାଧାରଣରେ ଆଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ।

(ସତ୍ୟବ୍ରତ ସାହୁ)



**ଶ୍ରୀ ସୁରେଶ ପନ୍ତ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ, ଓଡ଼ିଶା

# ମୁଖବନ୍ଧ

ପ୍ରାକୃତିକ ସନ୍ତୁଳନ ରକ୍ଷା କରିବା ପାଇଁ ଜଙ୍ଗଲ ହିଁ ପ୍ରକୃତିର ଶ୍ରେଷ୍ଠ ଅବଦାନ । ସାମ୍ପ୍ରତିକ ପରିସ୍ଥିତିରେ ଜଙ୍ଗଲର ଅବକ୍ଷୟ ଯୋଗୁଁ ପରିବେଶ ପ୍ରଦୂଷଣ, ବିଶ୍ୱ ତାପମାତ୍ରାରେ ପରିବର୍ତ୍ତନ, ମହାସାଗରମାନଙ୍କର ଜଳ ପତ୍ତନ ବୃଦ୍ଧି ଭଳି ପ୍ରଳୟଙ୍କର ପରିସ୍ଥିତିର ଆଶଙ୍କାରେ ଆମେ ସମସ୍ତେ ଆତଙ୍କିତ । ଏଥିପାଇଁ ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷରୋପଣ କରାଯାଇ ଜଙ୍ଗଲର ଅଭିବୃଦ୍ଧି କରିବା ନିତାନ୍ତ ଆବଶ୍ୟକ । ପରିବେଶ ଓ ବିକାଶର ଭାରସାମ୍ୟ ସନ୍ତୁଳନ ନିମନ୍ତେ ୧୯୫୦ ମସିହାରୁ ଜାତୀୟ ସ୍ତରରେ ବନମହୋତ୍ସବ ପାଳିତ ହୋଇଆସୁଅଛି ।

ଜନସାଧାରଣଙ୍କୁ ବନୀକରଣ କାର୍ଯ୍ୟକ୍ରମ ସମ୍ବନ୍ଧିତ ସୂଚନା ଦେବା ନିମନ୍ତେ ରାଜ୍ୟର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୭୬ତମ ବନ ମହୋତ୍ସବ ପୁସ୍ତିକା ପ୍ରକାଶନ କରାଯାଉଅଛି । ଏଥିରେ ରାଜ୍ୟ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନର ବିବରଣୀ ସହିତ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, କାମ୍ପା ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ବନ୍ଧୀୟ ସମ୍ୟକ ସୂଚନା, ଚଳିତ ବର୍ଷ ବନୀକରଣ କାର୍ଯ୍ୟାବଳୀ ଓ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ, ବିଗତ ବର୍ଷ ମାନଙ୍କରେ ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମର ତଥ୍ୟାବଳୀ ପ୍ରଭୃତି ବର୍ଣ୍ଣନା କରାଯାଇଅଛି ।

ଏହି ତଥ୍ୟ ଭିତ୍ତିକ ପୁସ୍ତିକାଟି ଜନସାଧାରଣ, ପ୍ରକୃତି ପ୍ରେମୀ, ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି ଆଶା ଓ ବିଶ୍ୱାସ ।

ସୁରେଶ ପନ୍ତ
(ସୁରେଶ ପନ୍ତ)


ବର୍ଣ୍ଣମାଳା

*Urban Tree Plantation at Nabarangapur Forest Division*



# ୭୬ତମ ବନମହୋତ୍ସବ
# (76th Vanamahotsava)

ପ୍ରାଣୀ ଜଗତର ସ୍ଥିତି ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରିଥାଏ।  ସାମ୍ପ୍ରତିକ ପରିପେକ୍ଷୀରେ କ୍ରମବର୍ଦ୍ଧିଷ୍ଣୁ  ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବା ପାଇଁ ଦ୍ରୁତ ଶିଳ୍ପାୟନ, ସହରୀକରଣ, ଗମନାଗମନ ସୁବିଧା ଆଦି ବିକାଶ ମୂଳକ କାର୍ଯ୍ୟ ମାନଙ୍କର ଅଗ୍ରଗତି ହେତୁ ଜଙ୍ଗଲ ସଂପଦ ଅବକ୍ଷୟ ହେଉଅଛି। ଜୈବ ମଣ୍ଡଳ ଉପରେ ଏହାର ନକରାତ୍ମକ ପ୍ରଭାବରୁ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ, ଋତୁ ଚକ୍ରର ଅନିୟମିତତା, ତାପମାତ୍ରାର ବୃଦ୍ଧି ଆଦି ସମସ୍ୟାମାନ ପୃଥିବୀ ପାଇଁ ଘାତକ ସାବ୍ୟସ୍ତ ହେବାକୁ ଯାଉଛି। ଏହି କ୍ଷୟ ପ୍ରାପ୍ତ ଜଙ୍ଗଲ ସଂପଦର ପୁନଃସୃଜନ ଓ ଅଭିବୃଦ୍ଧି ନିମନ୍ତେ ବ୍ୟାପକ ବୃକ୍ଷରୋପଣ ନିତାନ୍ତ ଅପରିହାର୍ଯ୍ୟ। ଏହାକୁ ଉପଲବ୍ଧି କରି ବିଗତ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳିତ ହୋଇଆସୁଅଛି।

ଜଙ୍ଗଲର ମହତ୍ତ୍ୱ ସମ୍ବନ୍ଧିତ ସୂଚନା ଉପରେ ଜନସଚେତନତା ସୃଷ୍ଟି କରିବା ଓ ବୃକ୍ଷରୋପଣ ପ୍ରତି ଶ୍ରଦ୍ଧା ଜନ୍ମେଇବା, ଏହି ମହୋତ୍ସବ ପାଳନର ଆଭିମୁଖ୍ୟ ହୋଇଥିବାରୁ ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଚଳିତ ୭୬ତମ ବନମହୋତ୍ସବ ପାଳନ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ସହଯୋଗରେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି। ବିଗତ ବର୍ଷ ମାନଙ୍କରେ କ୍ରମାଗତ ଭାବେ ଜଙ୍ଗଲର ଅଭିବୃଦ୍ଧି ଘଟୁଥିବା ହେତୁ ଆମ ରାଜ୍ୟର ଭୂ-ଭାଗର ଶତକଡା ୩୭.୬୩ ଭାଗ ଜଙ୍ଗଲ ଓ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇପାରିଛି।




*Celebration of 75th Vanamahotsava, Balimela Range, Malkangiri Forest Division*






*Celebration of 75th Vana Mahotsav at S.T. Joseph's School, Pallahara Range, Deogarh Forest Division*



*Celebration of 75th Vana Mahotsav at Kakharua PRF of Jamardiha Section under Pallahara Range, Deogarh Forest Division*



*Celebration of 75th Vanamahotsava at Nabarangpur Forest Division*



*Celebration of 75th Vanamahotsava, Motu Range, Malkangiri Forest Division*



*Celebration of 75th Vanamahotsava at Ghumsur South Forest Division*




*Celebration of 75th Vanamahotsava at Malkangiri Forest Division*





*Permanent Nursery at Karanjia, Mayurbhanj*

# ଓଡ଼ିଶା ଜଙ୍ଗଲ
# (Odisha Forests)

## ରାଜ୍ୟ ଜଙ୍ଗଲ ଅବସ୍ଥିତ ସମ୍ବନ୍ଧୀୟ ତଥ୍ୟ
## (Status Report of Odisha Forests)
(As per the latest India State of Forest Report, 2023)

- ରାଜ୍ୟ ଜଙ୍ଗଲ ଆଚ୍ଛାଦନର ମାନଚିତ୍ର
  **(Map of Forest Cover of Odisha)**




- ରାଜ୍ୟର ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ
  **(Recorded Forest Area in the State)**

| ଭୌଗୋଳିକ ଅଞ୍ଚଳ | ନଥିଭୁକ୍ତ ଜଙ୍ଗଲ ଅଞ୍ଚଳ | ସମୁଦାୟ ଭୌଗୋଳିକ ଅଞ୍ଚଳର ପ୍ରତିଶତ |
|---|---|---|
| 1,55,707 ବର୍ଗ କିଲୋମିଟର | 61,204.17 ବର୍ଗ କିଲୋମିଟର | 39.31% |

## ● ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ

| | Percentage of Geographical area | |
|---|---|---|
| | Odisha | India |
| Forest Cover | 33.67 % | 21.71 % |
| Forest and Tree Cover | 37.63 % | 24.62% |

## ● ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ (ବର୍ଗ କିଲୋମିଟର) (Forest and Tree Cover in the State in Sq. Km.)

(ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାଦ୍ୱାରା ଉପଗ୍ରହ ମାଧ୍ୟମରେ ଆକଳନ କରାଯାଇଥିବା ତଥ୍ୟ ଉପରେ ପର୍ଯ୍ୟବେକ୍ଷିତ)- (ପ୍ରତି ଦୁଇବର୍ଷ ଅନ୍ତରରେ)

| Assess-ment Year | Very Dense Forest | Medium Dense Forest | Open Forest | Total | Mangrove Forest | Scrub Forest | Outside Tree Cover |
|---|---|---|---|---|---|---|---|
| 2023 | 7,224.42 | 21,065.55 | 24,143.59 | 52,433.56 | 259.06 | 4,632.68 | 6,163.45 |
| 2021 | 7,213 | 20,995 | 23,948 | 52,156 | 259 | 4,924 | 5,004 |
| 2019 | 6,970 | 21,552 | 23,097 | 51,619 | 251 | 4,327 | 4,648 |
| 2017 | 6,967 | 21,370 | 23,008 | 51,345 | 243 | 4,306 | 3,993 |
| 2015 | 6,985 | 21,470 | 21,861 | 50,460 | 231 | 4,499 | 3,986 |
| 2013 | 7,042 | 21,298 | 22,007 | 50,347 | 213 | 4,424 | 4,013 |
| 2011 | 7,060 | 21,366 | 20,477 | 48,903 | 222 | 4,734 | 4,301 |
| 2009 | 7,073 | 21,394 | 20,388 | 48,855 | 221 | 4,852 | 4,435 |
| 2005 | 538 | 27,656 | 20,180 | 48,374 | 203 | 4,743 | 4,589 |
| 2003 | 288 | 27,882 | 20,196 | 48,366 | 207 | - | - |







*Nursery under IGC, Khariar Forest Division*

# ବନୀକରଣ କାର୍ଯ୍ୟକ୍ରମ
## (Afforestation Activities in the State)

ଓଡିଶାରେ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ କରାଯାଉଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୩୦୮୯୦.୧୪ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ଏବଂ ସଘନ ବନୀକରଣ କାର୍ଯ୍ୟକୁ ଜଙ୍ଗଲ ଅଞ୍ଚଳ (Forest Land) ଓ ଗୋଷ୍ଠିଗତ ଜଙ୍ଗଲ ଅଞ୍ଚଳ (Community land) ଇତ୍ୟାଦି ମାନଙ୍କରେ ସଫଳତା ପୂର୍ବକ କାର୍ଯ୍ୟକାରୀ କରାଯାଇଅଛି। ଏତଦବ୍ୟତୀତ ୨୦୨୦.୭୦ ରୋ କି.ମି ଅଞ୍ଚଳରେ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକୁ ସମ୍ପାଦିତ କରାଯାଇଛି।

ସଘନ ବନୀକରଣ ଓ ଉଜୁଡା ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକ୍ରମ ମାନଙ୍କରେ ୧୮ ମାସିଆ ସ୍ଥାନୀୟ ପ୍ରଜାତିର ଚାରା ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକୁ ସମ୍ପାଦିତ କରାଯାଇଅଛି। ବୃକ୍ଷହୀନ ଲଣ୍ଡା ପାହାଡ ମାନଙ୍କରେ ବୃକ୍ଷରୋପଣ କରି ସେହିସ୍ଥାନ ମାନଙ୍କୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହିଛି। ବନୀକରଣ ଯୋଜନା ମାଧ୍ୟମରେ ସମୁଦାୟ ୧୯୫.୩୪ ଲକ୍ଷ ଚାରା ରୋପଣ କରାଯାଇଥିବା ସ୍ଥଳେ ୨୩୩.୭୩ ଲକ୍ଷ ଚାରା ବିଭିନ୍ନ ହିତାଧିକାରୀ, ଚାଷୀ, ସ୍ଥାନୀୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିତରଣ କରାଯାଇଅଛି। ବିଭିନ୍ନ ଯୋଜନା ମାଧ୍ୟମରେ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ମାନଙ୍କର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

୧. ସବୁଜ ମହାନଦୀ ମିଶନ (GMM)

୨. ବର୍ଦ୍ଧିତ ସବୁଜ ବଳୟ (IGC)

୩. ସବୁଜ ଭାରତ ମିଶନ (GIM)

୪. କାମ୍ପା (CAMPA)

୫. ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)

୬. ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

୭. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୮. କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

୯. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (OFSDS)

୧୦. ତାଳ ରୋପଣ

୧୧. କୂଳରେ ବାସସ୍ଥାନ ଏବଂ ସ୍ଥାବର ଆୟ ପାଇଁ ହେନ୍ତାଳ ବନ (MISHTI)

ବିଗତ ୧୬ ବର୍ଷର ବିଭିନ୍ନ ଯୋଜନା ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି (Overall Achievement including all schemes in the last 16 years)

| ଆର୍ଥିକ ବର୍ଷ | ବନୀକରଣ ଜଙ୍ଗଲ ଜମିର ଆୟତନ (ହେକ୍ଟର) | ପଥପାର୍ଶ୍ୱ ବନୀକରଣ (ରୋ କିଲୋମିଟର) | ସହରୀ ବନୀକରଣ (ରୋପିତ ବୃକ୍ଷ ଚାରାର ସଂଖ୍ୟା) (ଲକ୍ଷ ହିସାବରେ) | ସର୍ବ ମୋଟ (ରୋପିତ ବୃକ୍ଷ ଚାରାର ସଂଖ୍ୟା) (ଲକ୍ଷ ହିସାବରେ) | ବିତରଣ କରାଯାଇଥିବା ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) |
|---|---|---|---|---|---|
| 2009-10 | 92,584 | 133 | 0.17 | 415.35 | 25.00 |
| 2010-11 | 233,445 | 242 | 3.48 | 1086.09 | 128.34 |
| 2011-12 | 182186 | 769 | 6.80 | 358.92 | 195.92 |
| 2012-13 | 107287 | 3107 | 8.72 | 321.66 | 211.92 |
| 2013-14 | 117667 | 4506 | 10.57 | 467.67 | 304.14 |
| 2014-15 | 198891 | 4755 | 14.90 | 696.57 | 550.00 |
| 2015-16 | 357091 | 4607 | 15.65 | 487.98 | 460.96 |
| 2016-17 | 401452 | 5838 | 13.83 | 499.79 | 376.57 |
| 2017-18 | 382364 | 3235 | 11.20 | 166.86 | 145.14 |
| 2018-19 | 248531.92 | 3685.65 | 12.21 | 338.74 | 142.46 |
| 2019-20 | 140056.31 | 3558 | 7.84 | 339.26 | 212.48 |
| 2020-21 | 107323.17 | 4164.70 | 3.78 | 392.47 | 465.77 |
| 2021-22 | 110368.30 | 4616.60 | 0.1056 | 382.91 | 230.46 |
| 2022-23 | 88197.96 | 4069.30 | 6.87 | 351.59 | 211.74 |
| 2023-24 | 43391.10 | 3111.87 | 4.53346 | 254.42 | 408.57 |
| 2024-25 | 30921.14 | 2003.70 | 6.33 | 197.78 | 251.07 |




*ANR Plantation under IGC, Bagmunda, Kalahandi North Forest Division FY- 2024-25*





*Fruit bearing plantation at RPRC Bhubaneswar*

## ସବୁଜ ମହାନଦୀ ମିଶନ

## (Green Mahanadi Mission)

ରାଜ୍ୟରେ ପ୍ରବାହିତ ମହାନଦୀ ତଥା ଅନ୍ୟାନ୍ୟ ନଦୀଗୁଡ଼ିକ ଓଡିଶାର ଜୀବନରେଖା ସଦୃଶ । ପ୍ରଚୁର ଜଳ ଉପଲବ୍ଧ, ଜୀବନ ଜୀବିକାର ଉନ୍ନତି ତଥା ସମାଜର କଲ୍ୟାଣ ନିମନ୍ତେ ଉକ୍ତ ନଦୀମାନଙ୍କୁ ଚିରସ୍ରୋତା କରିବା ଉଦ୍ଦେଶ୍ୟରେ ଅଧିସୂଚନା ସଂଖ୍ୟା ୬୫୧୮ ତା ୨୦.୦୩.୨୦୧୮ ରିଖରେ ଏକ ସଙ୍କଳ୍ପନାମା ଜାରିକରି "ସବୁଜ ମହାନଦୀ ମିଶନ" ନାମରେ ଏକ ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଛନ୍ତି । ଏହି ମିଶନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟର ଜନ ପ୍ରତିନିଧି ଓ ସମସ୍ତ ଅଂଶୀଦାର ମାନଙ୍କର ସହଯୋଗର ଆବଶ୍ୟକତା ରହିଛି ।




*Plantation under GMM, Kalahandi North Forest Division*

ମହାନଦୀ ଏବଂ ଏହାର ଉପନଦୀ ତଥା ତେଲ ଓ ଇବ୍ ନଦୀ ଉପକୂଳର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପ୍ରଶସ୍ତର ଏକ ସବୁଜ ବଳୟ ସୃଷ୍ଟି କରିବା ଏହି ମିଶନର ମୂଳ ଆଭିମୁଖ୍ୟ ଅଟେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା ଏବଂ ବଂଶଧରା ନଦୀକୁ ମଧ୍ୟ ଏହି ମିଶନରେ ଅନ୍ତର୍ଭୁକ୍ତ କରାଯାଇଅଛି । ୨୦୧୮-୧୯ ବର୍ଷ ଠାରୁ ଆରମ୍ଭ ହୋଇ ୨୦୨୫-୨୬ ପର୍ଯ୍ୟନ୍ତ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ "ଆର୍ଥିକ ବ୍ୟୟ ବରାଦ କମିଟି" ଉକ୍ତ ମିଶନ ପାଇଁ ଅର୍ଥ ଅନୁମୋଦନ କରିଛନ୍ତି । ଉପଲବ୍ଧ ହେଉଥିବା ସମସ୍ତ ପ୍ରକାର ଉପଯୁକ୍ତ ଜମି ଯଥା- ଜଙ୍ଗଲ ଜମି, ରାଜସ୍ୱ ଜମି, ଜିଲ୍ଲା ସ୍ତରୀୟ କମିଟି ଅନ୍ତର୍ଭୁକ୍ତ ବିଚାରଭୁକ୍ତ ଜମି (DLC area) ଏବଂ ବେସରକାରୀ ବ୍ୟକ୍ତିଗତ ଜମି ମାନଙ୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରିରହିଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନର କାର୍ଯ୍ୟକ୍ରମରେ ୮୪ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୧୨୬୦ ହେକ୍ଟର ପରିମିତ ଅଞ୍ଚଳରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର (Aided Natural Regeneration with Gap Plantation), ୬୫ ହେକ୍ଟର ପରିମିତ ଅଞ୍ଚଳରେ ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation), ୭୨ ହେକ୍ଟର ଝାଉଁ ବୃକ୍ଷ ରୋପଣ (Casuarina Plantation) ଏବଂ ୨ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ (Urban tree Pantation) ସହିତ ସର୍ବମୋଟ ୮.୯୫ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଅଛି ଏବଂ ୮୩.୨୮ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ କରାଯାଇଅଛି ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୨୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ (Artificial Regeneration), ୫୩୫ ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ଦ୍ୱାରା ଉଜୁଡା ଜଙ୍ଗଲର ପୁନରୁଦ୍ଧାର (Aided Natural Regeneration with Gap Plantation), ୩୦ ହେକ୍ଟର ଲଣ୍ଡା ପାହାଡରେ ବୃକ୍ଷରୋପଣ (Bald Hill Plantation), ୭୪ ହେକ୍ଟର ଝାଉଁ ବୃକ୍ଷ ରୋପଣ (Casuarina Plantation) ଏବଂ ୩.୦୦ ଲକ୍ଷ ଚାରା ସହରାଞ୍ଚଳ ବନୀକରଣ (Urban tree Pantation) ରେ ମୋଟ ୮.୪୦ ଲକ୍ଷ ବୃକ୍ଷଚାରା ରୋପଣ ସହିତ ୧୪.୨୫ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ମାଗଣା ବିତରଣ ନିମନ୍ତେ ପ୍ରସ୍ତାବ ରହିଅଛି ।

## ସବୁଜ ବଳୟ ବୃଦ୍ଧିକରଣ
## (Increasing Green Cover)

- ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନାର ଅନୁପାଳନକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ, ବନୀକରଣ ପ୍ରକ୍ରିୟାର କାର୍ଯ୍ୟାନ୍ୱୟନ ପାଇଁ ୨୦୧୩-୧୪ ଆର୍ଥିକ ବର୍ଷଠାରୁ ସମସ୍ତ ବନୀକରଣ ଯୋଜନାମାନଙ୍କୁ ସମ୍ମିଳିତକରି ଏହି ଯୋଜନାର ପ୍ରାରମ୍ଭ କରାଯାଇଅଛି ।

- ୨୦୨୪-୨୫ ଆର୍ଥିକ ବର୍ଷରେ, ବିଭିନ୍ନ ଯୋଜନା ମାଧ୍ୟମରେ କରାଯାଇଥିବା ବୃକ୍ଷରୋପଣ ଯଥା କ୍ରମେ ଔଷଧୀୟ ବୃକ୍ଷ ଜ୍ଞାନ ଆହରଣକେନ୍ଦ୍ର (ପାତ୍ରପଡା), ଭୁବନେଶ୍ୱର ଠାରେ ବିଭିନ୍ନ ପ୍ରଜାତିର ୩୦୦୦ ସଂଖ୍ୟକ ତୃଣ ଓ ବୃକ୍ଷଚାରାର ରକ୍ଷଣାବେକ୍ଷଣ ସହିତ ପୁନଃରୋପଣ, ଏକାମ୍ର ବନ ବିନ୍ଦୁସାଗର ଔଷଧୀୟ ବୃକ୍ଷ ଉଦ୍ୟାନରେ ୩୦୬୦ ସଂଖ୍ୟକ ଔଷଧୀୟ ବୃକ୍ଷର ପୁନଃ ରୋପଣ, ନଗରବନ ଯୋଜନାରେ ପାତ୍ରପଡ଼ାରେ ୫୦୦ ସଂଖ୍ୟକ ବୃକ୍ଷଚାରା ରୋପଣ, ୨୩୫ ହେକ୍ଟର ପରିମିତ ଅଞ୍ଚଳରେ କରାଯାଇଥିବା ସଘନ ବନୀକରଣ, ୯୫ ହେକ୍ଟର ପରିମିତ ଲଣ୍ଡା ପାହାଡରେ ବୃକ୍ଷରୋପଣ, ୨୯୭୫ ହେକ୍ଟର ପରିମିତ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ବନୀକରଣ ଓ ୩.୧୨ ଲକ୍ଷ ବୃକ୍ଷଚାରା ଦ୍ୱାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ ସମ୍ପାଦନ ହୋଇଅଛି ।

- ୨୦୨୫-୨୬ ଆର୍ଥିକ ବର୍ଷରେ ସବୁଜ ବଳୟ ବୃଦ୍ଧି କରଣ (Increasing Green Cover) ଯୋଜନା ମାଧ୍ୟମରେ ୬୦ ହେକ୍ଟର ଝାଉଁ ବୃକ୍ଷରୋପଣ (Casuarina Plantation), ୩୦ ହେକ୍ଟର ପରିମିତ ଲଣ୍ଡା ପାହାଡରେ ବୃକ୍ଷରୋପଣ, ୫୪୦ ହେକ୍ଟର ପରିମିତ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ବନୀକରଣ ଓ ୩.୦୦ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ କାର୍ଯ୍ୟ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି ।


*Plantation under GMM, Bargarh Forest Division*



*AR Plantation under OMC,*
*Nabarangpur Forest Division*



*Jhadebandha UTP under IGC,*
*Bolangir Forest Division*



*AR Plantation under GMM,*
*Titilagarh Range, Bolangir Forest Division*



*AR Plantation Saintala Range,*
*Bolangir Forest Division*

## ରାଜ୍ୟ ବନ ଉନ୍ନୟନ ସଂସ୍ଥା (SFDA) ଓ ଜାତୀୟ ସବୁଜ ଭାରତ ମିଶନ (GIM)

ଜାତୀୟ ବନୀକରଣ ଓ ପରିବେଶ ଉନ୍ନୟନ ବୋର୍ଡ (NAEB) ଦ୍ୱାରା ପ୍ରସ୍ତୁତ କାର୍ଯ୍ୟାବଳୀ ମାର୍ଗଦର୍ଶିକା ଅନୁଯାୟୀ ଆମ ଓଡିଶାରେ "ରାଜ୍ୟ ବନ ଉନ୍ନୟନ ସଂସ୍ଥା" (SFDA) ନାମରେ ୧୭ ଜୁନ ୨୦୧୦ ମସିହାରେ ସାମାଜିକ ରେଜିଷ୍ଟ୍ରିକରଣ ନିୟମ ୧୮୬୦ ଅନୁଯାୟୀ ରେଜିଷ୍ଟ୍ରୀଭୁକ୍ତ କରାଯାଇ ଗଠନ କରାଗଲା। ଏହି ସଂସ୍ଥାର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଓଡିଶା ଏବଂ ପରିଚାଳନା ସଂପାଦକ (Member Secretary) ହେଉଛନ୍ତି ମୁଖ୍ୟ ବନସଂରକ୍ଷକ (ଯୋଜନା ଓ ବନୀକରଣ)।

ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କେନ୍ଦ୍ର ପ୍ରବର୍ତ୍ତିତ ବନୀକରଣ ଯୋଜନା ଗୁଡିକୁ ସ୍ଥାନୀୟ ଲୋକଙ୍କ ସହଯୋଗ ଭିତ୍ତିରେ କାର୍ଯ୍ୟକାରୀ କରାଇବା ତଥା ତ୍ରିସ୍ତରୀୟ ବ୍ୟବସ୍ଥା ଭିତ୍ତିରେ ଯଥା ରାଜ୍ୟ ବନ ଉନ୍ନୟନ ସଂସ୍ଥା, ବନଖଣ୍ଡ ସ୍ତରୀୟ ବନ ଉନ୍ନୟନ ସଂସ୍ଥା ଏବଂ ଗ୍ରାମୀଣ ସ୍ତରରେ ବନ ସୁରକ୍ଷା ସମିତି ମାନଙ୍କ ଦ୍ୱାରା ଯୋଜନାର କାର୍ଯ୍ୟ ସମ୍ପାଦନ କରିବା।

## ଜାତୀୟ ସବୁଜ ଭାରତ ମିଶନ (GIM) :

ଜାତୀୟ ସବୁଜ ଭାରତ ମିଶନ (GIM) ରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ଯୋଜନା (NAPCC)ର ଆଠଟି ମିଶନ ମଧ୍ୟରୁ ଅନ୍ୟତମ। ଏହି ଯୋଜନାଟି ନିମ୍ନ ଲିଖିତ ଉଦ୍ଦେଶ୍ୟ ପୂରଣ ପାଇଁ କାର୍ଯ୍ୟକାରୀ ହେଉଛି :

କ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପାଞ୍ଚ ମିଲିୟନ ହେକ୍ଟର ଜଙ୍ଗଲ ଭୂମିର ଗୁଣାତ୍ମକ ଅଭିବୃଦ୍ଧି କରିବା।

ଖ) ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ମାଧ୍ୟମରେ ଅଙ୍ଗାରକାମ୍ଳ ବାଷ୍ପର କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରିୟାର ନିୟନ୍ତ୍ରଣ କରିବା ଏବଂ କାଷ୍ଠ ଓ ଇନ୍ଧନ କାଠର ଭବିଷ୍ୟତ ପାଇଁ ବ୍ୟବସ୍ଥା କରିବା।

ଗ) ତିନି ମିଲିୟନ ପରିବାରକୁ ଜଙ୍ଗଲ ଆଧାରିତ ଜୀବିକା ପରିସରର ସୁଯୋଗ ଦେବା ଓ ସେମାନଙ୍କ ଆର୍ଥିକ ଅବସ୍ଥା ବୃଦ୍ଧି ହେବା।

ଘ) ପର୍ଯ୍ୟାପ୍ତ ବନୀକରଣ କରି ସବୁଜ ବଳୟ ସୃଷ୍ଟି କରିବା।

ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ଅର୍ଥ ଅନୁଦାନ ୨୦୧୫-୧୬ ଆର୍ଥିକ ବର୍ଷଠାରୁ ପାଞ୍ଚ ବର୍ଷିୟ ଯୋଜନା ଭିତ୍ତିରେ କାର୍ଯ୍ୟକାରୀ କରାଯାଉଅଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ମୋଟ ୫,୭୫୨ ହେକ୍ଟର ପରିମିତ ଅଞ୍ଚଳର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇଅଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ଏହି ଅଞ୍ଚଳର ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିବ। ଏହାର ବର୍ଷଓ୍ୱାରୀ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| | |
|---|---|
| ପ୍ରଥମ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ | 1,610 ହେକ୍ଟର |
| ଦ୍ୱିତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ | 2,669.34 ହେକ୍ଟର |
| ତୃତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ | 1,473.09 ହେକ୍ଟର |
| ମୋଟ | 5,752.43 ହେକ୍ଟର |




*Plantation under GIM, Bolangir Forest Division*





*Mangrove Plantation at Rajnagar WL*

## ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ଅଧିକାରୀ (CAMPA)

ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ମାଧ୍ୟମରେ (କାମ୍ପା, ଓଡିଶା) ୨୦୦୯-୧୦ ମସିହା ଠାରୁ କ୍ଷତିପୂରକ ବନୀକରଣ ତଥା ଅନ୍ୟାନ୍ୟ ବନୀକରଣ, ଜଙ୍ଗଲ ଓ ବନ୍ୟପ୍ରାଣୀ ପରିଚାଳନା ତଥ୍ୟ ସୁରକ୍ଷା କାର୍ଯ୍ୟ ହୋଇଆସୁଅଛି। କ୍ଷତିପୂରକ ବନୀକରଣ ଆଇନ-୨୦୧୬ ଏବଂ କ୍ଷତିପୂରକ ବନୀକରଣ ନିୟମ- ୨୦୧୮ ପ୍ରଚଳନ ହେବା ପରେ ନିର୍ଦ୍ଧାରିତ ପ୍ରାବଧାନ ଅନୁଯାୟୀ କ୍ଷତିପୂରକ ବନୀକରଣ, ନିଟ୍ ମୂଲ୍ୟ ବନୀକରଣ, ବନ୍ୟଜୀବଙ୍କ ସୁରକ୍ଷା, ସିଲଭିକଲଚରାଲ କାର୍ଯ୍ୟକ୍ରମ, ଜଙ୍ଗଲ ନିଆଁ ପରିଚାଳନା, ଜଙ୍ଗଲ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି, ବନ ଅନୁସନ୍ଧାନ, ପ୍ରଶିକ୍ଷଣ ଓ ବନ ସଚେତନତା ଇତ୍ୟାଦି ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯାଇ ଜାତୀୟ କାମ୍ପାଙ୍କ ଅନୁମୋଦନ ସହ କାର୍ଯ୍ୟାନ୍ୱୟନ କରାଯାଉଅଛି।

ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବମୋଟ ୨୩୨୦୪ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ (କ୍ଷତି ପୂରକ ବନୀକରଣ ୪୫୨୧.୦୦ ହେକ୍ଟର + ନିଟ୍ ମୂଲ୍ୟ ବନୀକରଣ ୧୮,୬୮୩ ହେକ୍ଟର) ୧.୭୪୨୧ କୋଟି ଚାରା ରୋପଣ କରାଯାଇଛି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ କାମ୍ପା ଦ୍ୱାରା ସର୍ବମୋଟ ୨୬,୪୨୨.୭୫ ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷ ରୋପଣ କାର୍ଯ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି (କ୍ଷତି ପୂରକ ବନୀକରଣ ୬୯୨୨.୨୫ ହେକ୍ଟର + ନିଟ୍ ମୂଲ୍ୟ ବନୀକରଣ ୧୯,୫୦୦.୫ ହେକ୍ଟର) ଏବଂ ଏଥିରେ ୧.୪୪୫ କୋଟି ଚାରା ରୋପଣ କରାଯିବ।

## ବନୀକରଣ କାର୍ଯ୍ୟ ୨୦୨୪-୨୫

### NPV (ନିଟ୍ ବର୍ତ୍ତମାନ ମୂଲ୍ୟ)

### ଉଜୁଡା ଜଙ୍ଗଲର ପୁନରୁଦ୍ଧାର (ANR) - ୧୭,୧୯୭ ହେକ୍ଟର

- ରେଶମ ଚାଷ ଉପଯୋଗୀ ବୃକ୍ଷରୋପଣ : ୧୯୦ ହେକ୍ଟର
- ଫଳ ଓ ଖାଦ୍ୟ ବୃକ୍ଷ ରୋପଣ : ୮୧୭ ହେକ୍ଟର
- ବିରଳ ଓ ଶଙ୍କାଗ୍ରସ୍ତ ତଥା ଔଷଧୀୟ ବୃକ୍ଷ ରୋପଣ : ୩୬୧୫ ହେକ୍ଟର
- ଅନ୍ୟାନ୍ୟ ସ୍ଥାନୀୟ ପ୍ରଜାତିର ବୃକ୍ଷ ରୋପଣ : ୧୨୪୩୫ ହେକ୍ଟର



*ANR Plantation, Ghumusur South Division*




*ANR Plantation, Ghumusur South Division*



*ANR Plantation, Rairakhol Division*



*ANR Plantation, Bolangir Division*

## ସଘନ ବନୀକରଣ (AR) - ୧୬୭୨.୫ ହେକ୍ଟର

- ଅର୍ଥକାରୀ ବୃକ୍ଷରୋପଣ : ୨୦ ହେକ୍ଟର
- ସ୍ଥାନୀୟ ପ୍ରଜାତିର ବୃକ୍ଷରୋପଣ : ୮୦୮.୫ ହେକ୍ଟର
- ଫାଶୀ ବୃକ୍ଷ ରୋପଣ : ୫ ହେକ୍ଟର
- ନଦୀପଠା ପୁନର୍ବିନ୍ୟାସ ବୃକ୍ଷରୋପଣ : ୧୧୫ ହେକ୍ଟର
- ଝାଉଁ ଜଙ୍ଗଲ ସୃଷ୍ଟି : ୫୯.୫ ହେକ୍ଟର
- ହେନ୍ତାଳ ବନ : ୨୦.୦୦ ହେକ୍ଟର
- ଫଳ ଓ ଗୋ-ଖାଦ୍ୟ ବୃକ୍ଷରୋପଣ : ୩୮ ହେକ୍ଟର
- ଲଣ୍ଡା ପାହାଡରେ ବୃକ୍ଷରୋପଣ : ୫୬୦.୦୦ ହେକ୍ଟର



*Bald Hill Plantation, Baliguda Divison*



*Bald Hill Plantation, Bamra(WL) Divison*



AR Plantation, Bonai Division



AR Plantation, Nabarangpur Division

## କ୍ଷତିପୂରକ ବନୀକରଣ - ଦଣ୍ଡାତ୍ମକ କ୍ଷତିପୂରକ ଇତ୍ୟାଦି ବନୀକରଣ (CA/PCA)

- ଏ.ଏନ.ଆର. ବୃକ୍ଷରୋପଣ : ୩୫୩୧.୨୮୯ ହେକ୍ଟର
- ଏ.ଆର. ବୃକ୍ଷରୋପଣ : ୫୪୯.୨୩ ହେକ୍ଟର
- ଲଣ୍ଡା ପାହାଡ ବୃକ୍ଷରୋପଣ : ୨୮୪.୮୭ ହେକ୍ଟର
- ଏ.ଏନ.ଆର. (ଗ୍ୟାପ ବିହୀନ) : ୧୫୫.୭୯୯ ହେକ୍ଟର
- ସହରାଞ୍ଚଳରେ ଉଚ୍ଚା ଚାରାରୋପଣ : ୬୯୦୪୨ ସଂଖ୍ୟକ ଚାରା ଏବଂ ୧.୬ କି.ମି. ପଥପାର୍ଶ୍ୱ ବନୀକରଣ

## ଅନ୍ୟାନ୍ୟ କାର୍ଯ୍ୟ (APO 2024-25)

- ଜଙ୍ଗଲ ଗବେଷଣା ଓ ଅନୁସନ୍ଧାନ କାର୍ଯ୍ୟ ଅନ୍ତର୍ଗତ ଅନୁସନ୍ଧାନମୂଳକ ବଗିଚା ଓ ପୂର୍ବ କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ, ଯଥା Research, Tree Improvement Program, Q.P.M. ଉତ୍ପାଦନ ।
- ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ : ୨୩୧୪ ହେକ୍ଟର
- ୨.୭୯ କୋଟି ସଂଖ୍ୟକ ୧୮ ମାସ ଅବଧି ଯୁକ୍ତ ଚାରାର ରକ୍ଷଣାବେକ୍ଷଣ ଓ ୧.୨୦ କୋଟି ସଂଖ୍ୟକ ଉକ୍ତ ଅବଧିର ନୂତନ ଚାରା ପ୍ରସ୍ତୁତ ପାଇଁ କାର୍ଯ୍ୟ କରାଯାଇଅଛି ।

## ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ (SMPB)

ଚଳିତ ଆର୍ଥିକ ବର୍ଷରେ ଭୁବନେଶ୍ୱର ୟୁନିଟ୍ -୩ ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ୧୭ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ନଭେମ୍ବର ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଉକ୍ତ ମେଳାରେ ୧୩୦ ଗୋଟି ଷ୍ଟଲ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଆୟୁର୍ବେଦିକ ଉତ୍ପାଦନକାରୀ କମ୍ପାନୀ, ପାରମ୍ପରିକ ଚିକିତ୍ସକ, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟୀ, ଯୋଗ ଓ ସରକାରୀ ଅନୁଷ୍ଠାନ ଇତ୍ୟାଦି ଅଂଶଗ୍ରହଣ କରିଥିଲେ । ଔଷଧୀୟ ଗଛର ସଂରକ୍ଷଣ,

ବ୍ୟବହାର, ଚାଷ ଓ ବିପଣନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପାରମ୍ପରିକ ଚିକିତ୍ସକ, ବରିଷ୍ଠ ନାଗରିକ, କ୍ରେତା ବିକ୍ରେତା, ଆୟୁର୍ବେଦିକ ଓ ହୋମିଓପାଥି ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ବିଷୟବସ୍ତୁ ଉପରେ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାରେ ଜନସାଧାରଣ, ଛାତ୍ରଛାତ୍ରୀ, କୃଷକ, ପାରମ୍ପରିକ ଚିକିତ୍ସକ, ଉଦ୍ଭିଦପ୍ରେମୀ ଇତ୍ୟାଦିଙ୍କ ମଧ୍ୟରେ "ଔଷଧୀୟ ଉଦ୍ଭିଦର ଉନ୍ନତ କୃଷି ପ୍ରଣାଳୀ ଓ ବିଭିନ୍ନ ଚିକିତ୍ସାରେ ଏହାର ପ୍ରୟୋଗ ପଦ୍ଧତି" ନାମକ ଏକ ପୁସ୍ତିକା ପ୍ରକାଶିତ ହୋଇ ବଣ୍ଟନ କରାଯାଇଥିଲା।

ଚଳିତ ଆର୍ଥିକ ବର୍ଷରେ କେନ୍ଦୁଝର ଓ କରଞ୍ଜିଆଠାରେ ଆଞ୍ଚଳିକ ହର୍ବାଲ ମେଳା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଜରିଆରେ ଆୟୋଜନ ହୋଇଯାଇଅଛି।

ମୟୂରଭଞ୍ଜ ଠାକୁରମୁଣ୍ଡାଠାରେ ଜନଜାତୀୟ ଗୌରବ ଦିବସ ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀରେ ଔଷଧୀୟ ବୃକ୍ଷ ଉପରେ ଏକ ସଚେତନତା ପଦଯାତ୍ରା ଓ ସଭା ଅନୁଷ୍ଠିତ ହାଇଯାଇଅଛି।

ପରିବେଶ ସଂରକ୍ଷଣକୁ ସାଂସ୍କୃତିକ ମୂଲ୍ୟବୋଧ ସହ ଯୋଡ଼ିବା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ "ଏକ ପେଡ୍ ମା କେ ନାମ" ଅଭିଯାନ ପାଇଁ ଏହି ପରିଷଦ ତରଫରୁ ଭୁବନେଶ୍ୱର ନହରକଣ୍ଟାସ୍ଥିତ ମହାରଥା ହାଇସ୍କୁଲ ଏବଂ ପାତ୍ରପଡା ସ୍ଥିତ ନଗରବନ ଠାରେ ଦୁଇଟି ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଅକ୍ଟୋବର ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଆୟୁର୍ବେଦ ପର୍ବରେ ଓ ୨୦୨୪ ଡିସେମ୍ବର ମାସରେ ଭୋପାଳଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ ହର୍ବାଲ ମେଳାରେ ଅଂଶଗ୍ରହଣ କରିଥିଲା।

ଚଳିତ ଆର୍ଥିକ ବର୍ଷରେ ଏହି ପରିଷଦ ଓଡିଶାର ୧୦ ଜଣ ଔଷଧୀୟ ଉଦ୍ଭିଦ ଚାଷୀ ଏବଂ ୨ ଜଣ କାର୍ଯ୍ୟାଳୟର କର୍ମଚାରୀଙ୍କୁ କେରଳର ପିଚି ସ୍ଥିତ କେରଳ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ଔଷଧୀୟ ଉଦ୍ଭିଦ ସମ୍ପର୍କିତ କ୍ଷେତ୍ର ପରିଦର୍ଶନ ଓ ତତ୍ ସମ୍ବନ୍ଧିତ ତାଲିମ ନେବା ପାଇଁ ପ୍ରେରଣ କରିଅଛି।




*Plantation of Medicinal Plants under EK Ped Maa Ke Naam Programme at Nagarvan, Bhubaneswar*





*Village Forests in Koraput District*




*17th State level Kalinga Herbal Fair was organised at IDCO Exhibition Ground, Unit - III , Bhubaneswar from 6th to 12th November, 2024*

## ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (OBDA)

ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ଏକ ରାଜ୍ୟସ୍ତରୀୟ ସଂସ୍ଥା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା- ଓଡିଶା ରାଜ୍ୟରେ ବାଉଁଶ କ୍ଷେତ୍ରର ଉନ୍ନତି କରଣ। ଏହି ସଂସ୍ଥା ମୁଖ୍ୟତଃ ଓଡ଼ିଶାରେ (୧) ବ୍ୟବସାୟିକ ଭିତ୍ତିରେ ବାଉଁଶ ଚାଷ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରାଇବା (୨) ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ବାଉଁଶ ଭିତ୍ତିକ ବିଭିନ୍ନ କିସମର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରୁଅଛି। ଏହି ସଂସ୍ଥା ବିଶେଷତଃ ଚାଷୀ ମାନଙ୍କ ଲାଭ ନିମନ୍ତେ ଧ୍ୟାନ ଦେଇଥାଏ। ତତ୍‌ସହିତ ଏହି କ୍ଷେତ୍ରରେ ନିୟୋଜିତ ହୋଇଥିବା ଆଦିବାସୀ ଓ ଗରିବ ଲୋକ ମାନଙ୍କର ଜୀବନଜୀବିକା ଏବଂ ମହିଳା ସଶକ୍ତିକରଣ ପ୍ରତି ଧ୍ୟାନ ଦେଇଥାଏ। ଏହା ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଅଂଶଧନକୁ ପୁନଃ ଗଠିତ ଜାତୀୟ ବାଉଁଶ ମିଶନ ମାଧ୍ୟମରେ ବିନିଯୋଗ କରାଯାଇଥାଏ। ଉକ୍ତ କାର୍ଯ୍ୟକ୍ରମ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ଆରମ୍ଭ ହୋଇଅଛି।

### ପ୍ରମୁଖ ସଫଳତା ୨୦୨୪-୨୫

୧. ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା ୨୦୨୪-୨୫ ବର୍ଷ ପାଇଁ ୪୩.୮୯ ହେକ୍ଟର ଜମିରେ ଚାଷୀମାନଙ୍କ ଦ୍ୱାରା ବାଉଁଶ ଚାରା ରୋପଣ କରାଯାଇଅଛି।

୨. ନିର୍ଦ୍ଦେଶକ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗ ମାଧ୍ୟମରେ ରାଜ୍ୟରେ ୪ ଗୋଟି ସାଧାରଣ ସୁବିଧା କେନ୍ଦ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟ ଚାଲିଅଛି। ଯଥା : ବରଗଡ, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲା।

୩. ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ସିନ୍ଦୁରପୁର ଠାରେ ବାଉଁଶ ହସ୍ତଶିଳ୍ପ ପ୍ରଶିକ୍ଷଣ ଏବଂ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟ ଚାଲୁଅଛି।

୪. ୨୦୨୪-୨୫ ବର୍ଷରେ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ତା ୦୬.୧୧.୨୦୨୪ ଠାରୁ ୧୨.୧୧.୨୦୨୪ ରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ୧୭ ତମ ରାଜ୍ୟ କଳିଙ୍ଗ ହର୍ବାଲ ମେଳାରେ ଭାଗନେଇଥିଲା ।

୫. ୨୦୨୪-୨୫ ମସିହାରେ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ତା ୭.୧୨.୨୦୨୪ ଠାରୁ ୧୨.୧୨.୨୦୨୪ ରିଖ ପର୍ଯ୍ୟନ୍ତ କେରଳ ରାଜ୍ୟର ଏର୍ଣ୍ଣାକୁଲମ (କୋଚି) ଠାରେ ଅନୁଷ୍ଠିତ ୨୧ ତମ "କେରଳ ବାମ୍ବୋ ଫେଷ୍ଟ୍" ପ୍ରଦର୍ଶନୀ ମେଳାରେ ଯୋଗଦାନ କରିଥିଲା । ଯେଉଁଥିରେ ଆନନ୍ଦ ମହନ୍ତ ଓ ତିଳୋତମା ମହନ୍ତ, ଦୁଇଜଣ ବାଉଁଶ କାରିଗର ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ତରଫରୁ ଯୋଗଦାନ କରିଥିଲେ ।

## ୨୦୨୫- ୨୦୨୬ ବର୍ଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ

୧. ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୦ ହେକ୍ଟର ଜମିରେ ବାଉଁଶ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଅଛି ।

୨. ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ମୂଲ୍ୟବୋଧ ନିମନ୍ତେ ୧ ଗୋଟି ପ୍ରକିୟାକରଣ ପ୍ରତିଷ୍ଠାନ, ୩ ଗୋଟି ଧୂପକାଠି ତିଆରି ପ୍ରତିଷ୍ଠାନ, ୧ ଗୋଟି ସାଧାରଣ ସୁବିଧା କେନ୍ଦ୍ର ଏବଂ ସାଜସଜ୍ଜା ସଂସ୍ଥାପନ ନିମନ୍ତେ ଯନ୍ତ୍ରପାତି, ୧୦ ଗୋଟି ଚାଷୀ ପ୍ରଶିକ୍ଷଣ ଶିବିର, ୩ ଗୋଟି ବାଉଁଶ କାରିଗର ପ୍ରଶିକ୍ଷଣ ଶିବିର, ଗୋଟିଏ ବାଉଁଶ ଚାଷୀ, ଉଦ୍ୟୋଗୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ବାହ୍ୟରାଜ୍ୟ ପରିଭ୍ରମଣ ଭିତ୍ତିକ ପ୍ରଶିକ୍ଷଣ ପରିଯୋଜନା, ୭ ଗୋଟି ଘରୋଇ ହସ୍ତଶିଳ୍ପ ମେଳା ଏବଂ ୫ ଗୋଟି ଜାତୀୟ ସ୍ତରୀୟ ମେଳା ପ୍ରଭୃତି ଆୟୋଜନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ପୁନଶ୍ଚ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଜଙ୍ଗଲ ଗବେଷଣା ଏବଂ ଶିକ୍ଷା ପରିଷଦ (ହାଇଦ୍ରାବାଦ) ଦ୍ୱାରା ୨ ଗୋଟି ଉତ୍ତମ ଗୁଣବତ୍ତା ସମ୍ପନ୍ନ କୌଳିକ ଗୁଣ ନିୟନ୍ତ୍ରକ ବାଉଁଶ ଚାରା ନିମନ୍ତେ ଗବେଷଣା ଭିତ୍ତିକ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି ।

୩. ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ସିନ୍ଦୁରପୁର ଠାରେ କାର୍ଯ୍ୟକ୍ଷମ ଥିବା ବାଉଁଶ ହସ୍ତଶିଳ୍ପ ପ୍ରଶିକ୍ଷଣ ଏବଂ ଉତ୍ପାଦନ କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।




*17th Kalinga Herbal Fair 2024 from 06.11.2024 to 12.11.2024 at IDCO Exhibition ground, Unit III, Bhubaneswar*



*"21st Edition Kerala Bamboo Fest 2024" from 07.12.2024 to 12.12.2024 at Marine Drive Ground, Kochi in Kerala*

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS)

୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପାଦନ କରାଯାଇଥିବା କାର୍ଯ୍ୟକ୍ରମ, ଏହି ଯୋଜନା ଅନ୍ତର୍ଭୁକ୍ତ ବନୀକରଣ କାର୍ଯ୍ୟସାରଣୀ ନିମ୍ନରେ ପ୍ରଦାନ କରାଗଲା।

| ଯୋଜନା/ଉପାଦାନର ନାମ | ବନୀକରଣ କରାଯାଇଥିବା ଜଙ୍ଗଲ ଜମିର ଆୟତନ (ହେକ୍ଟର / ରୋ କିଲୋମିଟର / ଲକ୍ଷ ହିସାବରେ) |
|---|---|
| ସଘନ ବନୀକରଣ (AR) | 144 |
| ପ୍ରାକୃତିକ ଜଙ୍ଗଲର ପୁନଃସୃଜନ (ANR) | 1,440 |
| ପଥପାର୍ଶ୍ୱ ବନୀକରଣ (ରୋ କିଲାମିଟର) | 2,006 |
| ରୋପିତ ବୃକ୍ଷ ଚାରାର ସଂଖ୍ୟା (ଲକ୍ଷ ହିସାବରେ) | 10.20 |
| ବିତରଣ କରାଯାଇଥିବା ବୃକ୍ଷଚାରାର ସଂଖ୍ୟା (ଲକ୍ଷ ହିସାବରେ) | 68.32 |
| ମୋଟ ସୃଷ୍ଟି ହାଇଥିବା ଶ୍ରମ ଦିବସ (ଲକ୍ଷ ହିସାବରେ) | 27.49 |




*ANR with GAP Plantation under MGNREGS, Berhampur Forest Division*




*Avenue Plantation under MGNREGS, Balliguda Forest Division*

## କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR)

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଯୋଜନା (CSR) ଅଧୀନରେ ଓଡିଶା ଖଣି ନିଗମ (OMC) ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇ ପ୍ରତି ବର୍ଷ ଖଣିଖନନ ଦ୍ୱାରା ପ୍ରଭାବିତ ଅଞ୍ଚଳ ମାନଙ୍କରେ ବ୍ୟାପକ ବନୀକରଣ କରାଯାଉଅଛି । ଏହି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷରେ ୧୫ ଗୋଟି ବନଖଣ୍ଡରେ ୪୩୭ ହେକ୍ଟର ସଘନ ବନୀକରଣ କାର୍ଯ୍ୟକାରୀ ହୋଇଥିଲା ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ ୧୫ ଗୋଟି ବନଖଣ୍ଡରେ ୩୪୯ ହେକ୍ଟର ସଘନ ବନୀକରଣ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଅଛି ।





*Orchard Plantation in Sundargarh District*

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
# (Odisha Forestry Sector Development Society) (OFSDS)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧିନରେ ଏକ ରେଜିଷ୍ଟ୍ରୀଭୁକ୍ତ ସ୍ୱୟଂଚାଳିତ ସଂସ୍ଥା । ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ବର୍ତ୍ତମାନ ତିନିଟି ବିଭନ୍ନ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକାରୀ କରୁଛି ଯଥା -ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ, ଆମ ଜଙ୍ଗଲ ଯୋଜନା ଓ OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ ।




## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ (OFSDP - Phase-II)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ (ବନାୟନ) ଜାପାନ ଆନ୍ତର୍ଜାତିକ ସହାୟତା ସଂସ୍ଥା (JICA)ର ଋଣ ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହଯୋଗରେ, ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ଓଡିଶାର ୧୦ ଗୋଟି ଜିଲ୍ଲାର ୧୪ ଗୋଟି ବନଖଣ୍ଡରେ କାର୍ଯ୍ୟକାରୀ ହେଉଅଛି । ଏହି ପ୍ରକଳ୍ପର ଅବଧି ଦଶ ବର୍ଷ; ଅର୍ଥାତ ୨୦୧୭-୧୮ ରୁ ୨୦୨୬-୨୭ ପର୍ଯ୍ୟନ୍ତ ରହିଛି । ପ୍ରକଳ୍ପର ସମୁଦାୟ ବ୍ୟୟ ୧୦୦୦.୩୦ କୋଟି ଟଙ୍କା ଓ ସେଥିମଧ୍ୟରୁ JICAର ଆର୍ଥିକ ଋଣ ସହାୟତା ୮୪୮.୬୦ କାଟି ଟଙ୍କା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନ ୧୫୧.୭୦ କୋଟି ଟଙ୍କା ।

ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ସଂରକ୍ଷଣ, ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଜୀବନ ଜୀବିକାର ମାନବୃଦ୍ଧି କରାଯିବା, ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ ରାଜ୍ୟର ୫୦ ଗୋଟି ବନାଞ୍ଚଳ ଅନ୍ତର୍ଗତ ୧୨୧୦ଟି ବନ ସୁରକ୍ଷା ସମିତିକୁ ପ୍ରକଳ୍ପରେ ସାମିଲ କରି ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ନିରନ୍ତର ଜଙ୍ଗଲ ପରିଚାଳନା ସହିତ ୪୬୨୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ବିକଳ୍ପ ଜୀବିକା ସହାୟତା କାର୍ଯ୍ୟକ୍ରମ କରାଯାଉଅଛି। ଏହାଦ୍ୱାରା ୩.୨୮ ଲକ୍ଷ ବନ ସୁରକ୍ଷା ସମିତି ସଭ୍ୟ ସଭ୍ୟା ଉପକୃତ ହୋଇପାରିଛନ୍ତି। ଅଦ୍ୟାବଧି ୨୦୧୮-୧୯ ଆର୍ଥିକ ବର୍ଷରୁ ୨୦୨୪ - ୨୫ ଆର୍ଥିକ ବର୍ଷ (ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ) ପ୍ରକଳ୍ପ ଦ୍ୱାରା ୪୧ ଗୋଟି ବିଭିନ୍ନ ବିଭାଗ ସହ ଆନ୍ତଃ ବିଭାଗୀୟ ସଂଯୋଗୀକରଣ କାର୍ଯ୍ୟ ମାଧ୍ୟମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନସୁରକ୍ଷା ସମିତିରେ ୬୩୧.୪୭କୋଟି ଟଙ୍କାର ଜୀବିକା ଭିତ୍ତିକ ସହାୟତା ୨୩.୪୭ ଲକ୍ଷ ଜଣ ସଦସ୍ୟଙ୍କୁ ପ୍ରଦାନ କରାଯାଇଅଛି। ୨୭୨୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ୪୩୫ ଗୋଟି ସମଆଗ୍ରହୀ ଗୋଷ୍ଠୀ ଏବଂ ୧୦୮୯୧ ଜଣ ଅତି ଗରିବ ବ୍ୟକ୍ତି ବିଶେଷଙ୍କ ଆୟ ସୃଷ୍ଟିକାରୀ ନିମିତ୍ତ ଭିଏସଏସ/ଇଡିସିରୁ ପ୍ରକଳ୍ପ ପ୍ରଦତ୍ତ ଆବର୍ତ୍ତନ ପାଣ୍ଠିରୁ ୨୬. ୧୪ କୋଟି ଟଙ୍କାର ଋଣ ନେଇଛନ୍ତି ଏବଂ ୧୭.୨୬ କୋଟି ଟଙ୍କା ଫେରସ୍ତ କରିଛନ୍ତି।

ଏତଦ୍‌ବ୍ୟତୀତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପରେ ମୋଟ ୧୨୧୦ ଗୋଟି ବନ ସୁରକ୍ଷା ସମିତିର ପକ୍କା ଗୃହ ଅଦ୍ୟାବଧି ନିର୍ମାଣ କରାଯାଇଅଛି, ଯାହା, ବନ ସୁରକ୍ଷା ସମିତିର କାର୍ଯ୍ୟ ପରିଚାଳନା ଓ ବିବିଧ ବ୍ୟବହାର ନିମନ୍ତେ ବ୍ୟବହୃତ ହେଉଛି। ଜୀବନ ଜୀବିକା ଅଭିବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ଜଙ୍ଗଲ ସନ୍ନିକଟ ଅଧିବାସୀ ମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ବନାୟନ ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବାରିପଦା, କରଞ୍ଜିଆ ଏବଂ ରାଇରଙ୍ଗପୁର ବନଖଣ୍ଡ ମାନଙ୍କରେ ୩ ଗୋଟି ଶାଳପତ୍ର ଉତ୍ପାଦ ପୁଞ୍ଜ (Sal leaf product cluster), ବୌଦ୍ଧ ବନଖଣ୍ଡରେ ଡାଲି ଉତ୍ପାଦ ପୁଞ୍ଜ (Pulses cluster), ଢେଙ୍କାନାଳ ବନଖଣ୍ଡରେ କାଜୁ ଉତ୍ପାଦ ପୁଞ୍ଜ (cashew cluster) ଓ ଝାରସୁଗୁଡା ବନଖଣ୍ଡରେ ଲେମନ ଗ୍ରାସ ଉତ୍ପାଦ ପୁଞ୍ଜ (lemongrass cluster) ଗଠନ ହୋଇଅଛି। ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଓ ଅତି ଗରିବ ବ୍ୟକ୍ତି ମାନଙ୍କ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରକଳ୍ପ ପରିଚାଳନା ସଂସ୍ଥା ଅଧୀନରେ ଏକ ଜୀବିକା ସାଧନ କକ୍ଷ ପ୍ରତିଷ୍ଠା କରାଯାଇଛି।

ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ ଯଥା ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ ଓ ଅଣୁ ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅଧୀନରେ ୨୦୨୪ -୨୫ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ମୋଟ ୧୨୧୦ଟି ବନ ସୁରକ୍ଷା ସମିତିରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସେହିପରି, ନିରନ୍ତର ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ଅଧୀନରେ ବର୍ତ୍ତମାନ ପର୍ଯ୍ୟନ୍ତ ୬,୨୮୬ ହେକ୍ଟର ବନୀକରଣ ଏବଂ ୫୧,୦୦୬ ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କୃଷି ଭିତ୍ତିକ ବନୀକରଣ ମାଧ୍ୟମରେ ୨୦୨୪ -୨୫ ଚଳିତ ଆର୍ଥିକ ବର୍ଷରେ ମାର୍ଚ୍ଚ, ୨୦୨୫ ମାସ ସୁଦ୍ଧା ୧୮,୭୩୯ ହିତାଧିକାରୀଙ୍କ ୮୬୫୦ ହେକ୍ଟର ପଡ଼ା ଜମିରେ ଚାରା ରୋପଣ କରାଯାଇଅଛି। ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳ ଗୁଡିକରେ ସମୁଦାୟ ୧୫୦୪.୫ ହେକ୍ଟର ଜଙ୍ଗଲ ଅଞ୍ଚଳରେ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ଓ ୭୫୬.୨୯ ହେକ୍ଟର ଜଙ୍ଗଲ ଅଞ୍ଚଳରେ ବିଭାଗୀୟ ପରିଚାଳନା ପଦ୍ଧତିରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପାଦିତ ହୋଇଛି। ଏହାଛଡା ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ଅଦ୍ୟାବଧି ୧୭୧୦.୩୯ କି.ମି. ଦୀର୍ଘ ଅଗ୍ନି ନିରୋଧ ରେଖା ସୃଷ୍ଟି କରାଯିବା ସହିତ ଏହାର ରକ୍ଷଣାବେକ୍ଷଣ କରାଯାଇଅଛି।

ଜୈବବିବିଧତା ପରିଚାଳନା ପ୍ରୟୋଗ ଅନ୍ତର୍ଭୁକ୍ତ ନିରନ୍ତର ଜୈବ ବିବିଧତା ପରିଚାଳନା ଯୋଜନା ଅଧୀନରେ ୨ଟି ବନ୍ୟପ୍ରାଣୀ ବନଖଣ୍ଡ, ଯଥା-ବାମରା ଓ ରାଜନଗରକୁ ଅନ୍ତର୍ଭୁକ୍ତ କରାଯାଇଛି । ସାତୋୟାମା ଭୂଭାଗ ପରିଚାଳନା ଯୋଜନାଟି ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ୧୦ ଗୋଟି ପରିବେଶ ଉନ୍ନୟନ ସମିତି (EDC) ମାଧ୍ୟମରେ ବଡ଼ରମା ବନ୍ୟଜୀବ ଆବାସ ସ୍ଥଳୀରେ କାର୍ଯ୍ୟକାରୀ ହେଉଛି । ରାଜନଗର ବନଖଣ୍ଡ ଅନ୍ତର୍ଗତ ଭିତରକନିକା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ National Centre for Sustainable Coastal Management (NCSCM), Chennai ଦ୍ୱାରା ଦୀର୍ଘସୂତ୍ରୀ ବିଜ୍ଞାନ ସମ୍ମତ ଅନୁଧ୍ୟାନ ଯୋଜନା କାର୍ଯ୍ୟକାରୀ ହେବା ସହ ଭିତରକନିକା ଅଭୟାରଣ୍ୟ ଅଞ୍ଚଳ ସମୂହର ତିନି ଗୋଟି ପରିବେଶ ସ୍ୱାସ୍ଥ୍ୟ ରିପୋର୍ଟକାର୍ଡ ପ୍ରସ୍ତୁତ କରାଯାଇଅଛି । ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପ ଅଧିନସ୍ଥ ବନଖଣ୍ଡ ଓ ବନାଞ୍ଚଳ ସ୍ତରରେ କାର୍ଯ୍ୟରତ କର୍ମଚାରୀ ଓ ଅଂଶୀଦାର ମାନଙ୍କୁ ପ୍ରକଳ୍ପର ବିଭିନ୍ନ ଉପାଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ତାଲିମ ପ୍ରଦାନ କରାଯାଉଅଛି । ମାର୍ଚ୍ଚ, ୨୦୨୫ ସୁଦ୍ଧା ସମୁଦାୟ ୫୦୪୮ଟି ତାଲିମ କାର୍ଯ୍ୟକ୍ରମ ସବୁ ସ୍ତରରେ ସମ୍ପନ୍ନ କରାଯାଇ ୨,୦୬,୬୦୭ ହିତାଧିକାରୀଙ୍କର ଦକ୍ଷତା ବିକାଶ କରାଯାଇଛି ।

୨୦୨୫ -୨୬ ଆର୍ଥିକ ବର୍ଷରେ ନିରନ୍ତର ଜଙ୍ଗଲ ପରିଚାଳନା କାର୍ଯ୍ୟ ଅଧୀନରେ ଉଚ୍ଛନ୍ନ ଜଙ୍ଗଲର ପୁନରୁଦ୍ଧାର, ବନୀକରଣ ଓ କୃଷିଭିତ୍ତିକ ବନୀକରଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି । ଜୀବନ ଜୀବିକା ଅଭିବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଓ ଅତି ଗରିବ ବ୍ୟକ୍ତି ମାନଙ୍କ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ୨୦୨୫ -୨୬ ଆର୍ଥିକ ବର୍ଷରେ ଏହାକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରାନ୍ୱିତ କରିବା ସହ ୪୬୨୪ଟି ଚିହ୍ନଟ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ସମୁଦାୟ ୭ ଗୋଟି ଉତ୍ପାଦ ପୁଞ୍ଜ (cluster) ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି । ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଧିନରେ ବନଖଣ୍ଡ ଓ ବନାଞ୍ଚଳ ସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଅଂଶୀଦାର ମାନଙ୍କୁ ପ୍ରକଳ୍ପର ବିଭିନ୍ନ ଉପାଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଦକ୍ଷତା ବୃଦ୍ଧି ନିମନ୍ତେ ୨୦୨୫-୨୬ରେ ନିୟମିତ ତାଲିମ ପ୍ରଦାନ କରାଯିବାର ଯୋଜନା ରହିଛି ।



ସୁବର୍ଣ୍ଣପୁର ବନଖଣ୍ଡର ସାନପୁର ବନାଞ୍ଚଳ ଅନ୍ତର୍ଗତ ମଲ୍ଲିକୁଣ୍ଡା ବନ ସୁରକ୍ଷା ସମିତିରେ ବନୀକରଣ ରକ୍ଷଣାବେକ୍ଷଣ କାର୍ଯ୍ୟ



ବାରିପଦା ବନଖଣ୍ଡର ଉଦଳା ଅନ୍ତର୍ଗତ କୁଆମରା ବନ ସୁରକ୍ଷା ସମିତିରେ ଇନ୍ଧନ ଓ ପଶୁଚାରା ଗଛ ରୋପଣ



ସୁନ୍ଦରଗଡ ବନଖଣ୍ଡର କପୁଟିକିରା ବନ ସୁରକ୍ଷା ସମିତିରେ କୃଷି ଭିତ୍ତିକ ବନୀକରଣ କାର୍ଯ୍ୟ




ବୌଦ୍ଧ ବନଖଣ୍ଡର ଭୁକ୍ତାପଡା ବନ ସୁରକ୍ଷା ସମିତିରେ କୃଷି ଭିତ୍ତିକ ବନୀକରଣ କାର୍ଯ୍ୟ



ଝାରସୁଗୁଡା ବନଖଣ୍ଡ ଅଧୀନରେ ବାଗଡିହି ବନାଞ୍ଚଳ ଅଧୀନରେ ଅଣ ଯୁଗ୍ମ ବନ ପରିଚାଳନା ଦ୍ୱାରା ଡିଏଲଟି କାର୍ଯ୍ୟକ୍ରମ



କରଞ୍ଜିଆ ବନଖଣ୍ଡ ଅଧୀନରେ ବଲିପୋଷି ବନ ସୁରକ୍ଷା ସମିତିରେ ଡିଏଲଟି କାର୍ଯ୍ୟକ୍ରମ



ଘୁମୁସୁର (ଉତ୍ତର) ବନଖଣ୍ଡ ଅନ୍ତର୍ଗତ ଗୁଡିଆମ୍ବ ବନ ସୁରକ୍ଷା ସମିତିରେ ବନୀକରଣ କାର୍ଯ୍ୟ



ଢେଙ୍କାନାଳ ବନଖଣ୍ଡ ଅଧୀନରେ ବଶୋଇଉପରସାହି ବନ ସୁରକ୍ଷା ସମିତିରେ ଅନକାଷ୍ଠ ବନଜାତ ଦ୍ରବ୍ୟ ବିଶିଷ୍ଟ ବନୀକରଣ କାର୍ଯ୍ୟକ୍ରମ





*Casuarina Coastal Shelter Belt Puri*

## ଆମ ଜଙ୍ଗଲ ଯୋଜନା (AJY)

'ଆମ ଜଙ୍ଗଲ ଯୋଜନା' ଓଡିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା ଓଡିଶା ବନାଞ୍ଚଳ ସମିତି ଦ୍ୱାରା ୨୦୧୬-୧୭ ମସିହାରୁ କାର୍ଯ୍ୟକାରୀ ହେଉଅଛି । ଜଙ୍ଗଲ ସନ୍ନିକଟ ଗ୍ରାମବାସୀଙ୍କର ସହଭାଗିତାରେ ରାଜ୍ୟରେ ଜଙ୍ଗଲ ସମ୍ପଦର ନିରନ୍ତର ପରିଚାଳନା ସହିତ ସେମାନଙ୍କର ଜୀବିକାର ମାନବୃଦ୍ଧ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଅଟେ । ଏହି ପ୍ରକଳ୍ପର ମୂଳ ଅବଧି ୬ ବର୍ଷ ଥିଲା (୨୦୧୬-୧୭ ରୁ ୨୦୨୧-୨୨ ମସିହା ପର୍ଯ୍ୟନ୍ତ), ଯାହାକୁ ଅତିରିକ୍ତ ୩ ବର୍ଷ ପାଇଁ (ବର୍ଷ ୨୦୨୨-୨୩ ରୁ ୨୦୨୪-୨୫ ପର୍ଯ୍ୟନ୍ତ) ସମ୍ପ୍ରସାରିତ କରାଯାଇଛି । ସମ୍ପ୍ରତି ରାଜ୍ୟର ୨୨ ଗୋଟି ବନ ଏବଂ ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ ୪,୬୦୧ ଗୋଟି ସ୍ଥାନୀୟ ଗୋଷ୍ଠୀ ସଂଗଠନ ବା ବନସୁରକ୍ଷା ସମିତି (VSS) ଜରିଆରେ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ କାର୍ଯ୍ୟକାରୀ କରାଯାଉଅଛି, ଯେଉଁଥିରେ ୪.୨ ଲକ୍ଷ ପରିବାର ଉପକୃତ ହେଉଛନ୍ତି । ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନର ପ୍ରମୁଖ ଉତ୍ସ ହେଉଛି ରାଜ୍ୟ କାମ୍ପା (CAMPA) ଏବଂ ରାଜ୍ୟ ଯୋଜନା (State Plan/ Programme Expenditure) ।

ସମୁଦାୟ ୪, ୬୦୧ ଗୋଟି ବନ ସୁରକ୍ଷା ସମିତିକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି । ପ୍ରକଳ୍ପର ମୁଖ୍ୟ ନୀତି ଅନୁସାରେ, ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ୪, ୬୦୧ ଗୋଟି ଗ୍ରାମରେ ଲାକମାନଙ୍କର ସହଭାଗୀତାରେ ବିସ୍ତୃତ ଅଣୁଯୋଜନା ପ୍ରସ୍ତୁତ କରାଯାଇ ଏହାକୁ ଗ୍ରାମସଭାର ଅନୁମୋଦନକ୍ରମେ କାର୍ଯ୍ୟକାରୀ କରାଯାଉଅଛି । ଏତଦ୍‌ବ୍ୟତୀତ ପ୍ରକଳ୍ପ ମାଧ୍ୟମରେ ୧୪,୨୬୩ ଗୋଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟା ମାନେ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି ୨୦୨୫ ମସିହା ମାର୍ଚ୍ଚ ମାସ ସୁଦ୍ଧା ୨,୦୯,୫୪୩ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷରୋପଣ ବିନା ପୁନର୍ଜନନ (ANR without gap Plantation) ୧୯,୯୭୫ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷରୋପଣ ସହିତ ଉଜୁଡା ଜଙ୍ଗଲର ପୁନର୍ଜନନ (ANR with gap Plantation) କାର୍ଯ୍ୟକ୍ରମ କରାଯାଇଅଛି । ଏତଦ୍ ବ୍ୟତୀତ ୧୮ ଗୋଟି ବନଖଣ୍ଡ ଅନ୍ତର୍ଗତ ୧୦୦୫ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ କୃତ୍ରିମ ବୃକ୍ଷରୋପଣ (Artificial Regeneration through Block Plantation) କରାଯାଇଅଛି । ଏଥି ମଧ୍ୟରୁ ବର୍ଷ ୨୦୨୪-୨୫ରେ ୪୨,୭୩୭ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ ହୋଇଥିବା ପୁନର୍ଜନନ କାର୍ଯ୍ୟର ରକ୍ଷଣାବେକ୍ଷଣ କରାଯାଉଅଛି । ସମସ୍ତ ୪୬୦୧ ଗୋଟି ବନ ସୁରକ୍ଷା ସମିତିକୁ ହସ୍ତାନ୍ତରିତ ଜଙ୍ଗଲରେ ଜଙ୍ଗଲ ସୁରକ୍ଷା ଭିତ୍ତିକ କାର୍ଯ୍ୟକ୍ରମ, ଯଥା- ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ ଓ ସୀମା ଖୁଣ୍ଟି ସ୍ଥାପନ ସହିତ ବନାଗ୍ନି ନିୟନ୍ତ୍ରଣ କାର୍ଯ୍ୟକ୍ରମମାନ କରାଯାଇଛି । ଏଥିସହିତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ହାଲୁକା ପଥର ବନ୍ଧ ଓ ଟ୍ରେଞ୍ଚ ଖନନ କାର୍ଯ୍ୟମାନ କରାଯାଇଛି । 'ଆମ ଜଙ୍ଗଲ ଯୋଜନା' ଅନ୍ତର୍ଗତ ପ୍ରକଳ୍ପ ଗ୍ରାମସମୂହରେ ବନସୁରକ୍ଷା ସମିତି ସଭ୍ୟ ଏବଂ ପ୍ରକଳ୍ପ କର୍ମଚାରୀ ମାନଙ୍କର ସମୟୋପଯୋଗୀ ପଦକ୍ଷେପ ଦ୍ୱାରା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ସଫଳ ଭାବରେ ନିୟନ୍ତ୍ରଣ କରାଯାଇ ପାରିଛି ।

ସମସ୍ତ ୪୬୦୧ ଗୋଟି ବନସୁରକ୍ଷା ସମିତିରେ ପ୍ରକଳ୍ପର ବିଭିନ୍ନ ଉପାଦାନ ଯଥା- ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ ଓ ସୀମା ଖୁଣ୍ଟି ସ୍ଥାପନ, ଗୋଷ୍ଠୀ ବିନ୍ୟାସ, ଅଣୁଯୋଜନା ପ୍ରସ୍ତୁତି, ଭୂ-ସଂଯୋଗ ସମ୍ବଳିତ ତଦାରଖ, ଜଙ୍ଗଲ ପୁନର୍ଜନନ ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମ ବିଷୟରେ ତାଲିମ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ଏତଦ୍ ବ୍ୟତୀତ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ମାନଙ୍କର ଜୀବିକା ଓ ରୋଜଗାରରେ ଉନ୍ନତି ପାଇଁ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିଭିନ୍ନ ବୃତ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ପ୍ରକଳ୍ପ ଅଞ୍ଚଳରେ ଗ୍ରାମବାସୀମାନଙ୍କର ବିବିଧ ବ୍ୟବହାର ପାଇଁ ବନସୁରକ୍ଷା ସମିତିର ଗୃହ ତଥା ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ସହାୟକ କେନ୍ଦ୍ର ନିର୍ମାଣର ପ୍ରାବଧାନ ରହିଅଛି । ଏହି ବ୍ୟବସ୍ଥା ଅନୁସାରେ ବର୍ଷରେ ୧୦୦ଟି ନୂତନ ବନ ସୁରକ୍ଷା ସମିତି ଗୃହ ନିର୍ମାଣ

ହେବା ସହିତ ୨୦୨୫ ମସିହା ମାର୍ଚ୍ଚ ମାସ ସୁଦ୍ଧା ମୋଟ ୬୧୨ ଗୋଟି ଗ୍ରାମରେ ବନସୁରକ୍ଷା ସମିତିର ଗୃହ ନିର୍ମାଣ କରାଯାଇ ସମିତିର ସଭ୍ୟମାନଙ୍କୁ ହସ୍ତାନ୍ତର କରାଯାଇଅଛି।

ତୃଣମୂଳ ସ୍ତରରେ ଗୋଷ୍ଠୀ ବିନ୍ୟାସ ଓ ଜୀବିକା ଉନ୍ନୟନ ନିମନ୍ତେ ୧୦ ଗୋଟି ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିୟୋଜିତ କରାଯାଇଛି। ୨୦୨୫ ମସିହା ମାର୍ଚ୍ଚ ମାସ ସୁଦ୍ଧା ପ୍ରକଳ୍ପ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ଦ୍ୱାରା ମୋଟ ୩୬.୦୪ ଲକ୍ଷ ହିତାଧିକାରୀଙ୍କୁ ୧୨୩୦.୨୭ କୋଟି ଟଙ୍କାର ଜୀବିକା ଉପାର୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ (ଏପ୍ରିଲ, ୨୦୨୪ ଠାରୁ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ) ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତିର ୫,୩୧,୩୦୬ ଜଣ ହିତାଧିକାରୀଙ୍କୁ ୨୬୭.୭୯ କୋଟି ଟଙ୍କାର ବିଭିନ୍ନ ଜୀବିକା ଉପାର୍ଜନ ଭିତ୍ତିକ କାର୍ଯ୍ୟରେ ସାମିଲ କରାଯାଇଅଛି। ଏହା ବ୍ୟତୀତ ପ୍ରକଳ୍ପ ଅଞ୍ଚଳରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ଜୀବିକାଭିତ୍ତିକ ପ୍ରୋତ୍ସାହନ କ୍ଷେତ୍ରରେ ଆମ ଜଙ୍ଗଲ ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଅଛି।

୨୦୨୪ -୨୫ ଆର୍ଥିକ ବର୍ଷରେ ଜଙ୍ଗଲ ଉନ୍ନୟନ ଏବଂ ଆନୁସଙ୍ଗିକ କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପକୁ ରାଜ୍ୟ କାମ୍ପା ପାଣ୍ଠିରୁ ୧୨.୨୦ କୋଟି ଟଙ୍କା ଏବଂ ରାଜ୍ୟ ଯୋଜନାରୁ ୧୦.୦୦ କୋଟି ଟଙ୍କା ଯଥାକ୍ରମେ ପ୍ରାପ୍ତ ହୋଇଅଛି।

## କ) ଗୋଷ୍ଠୀ ସଂଚାଳନ:



ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ କମ୍ବିନାଜୁ ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ଟାଇନସର ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବିରିଡା ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବୁଢିକାପୁଡି ବନ ସୁରକ୍ଷା ସମିତିରେ ବନାଗ୍ନି ନିୟନ୍ତ୍ରଣ ପାଇଁ ସଭା

## ଖ) ଜଙ୍ଗଲ ପୁନର୍ଜ୍ଜନନ କାର୍ଯ୍ୟକ୍ରମ (ସହାୟକ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ)



ଜୟପୁର ବନଖଣ୍ଡ ଅନ୍ତର୍ଗତ ଯତିଗୁଡା ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ରରେ ରକ୍ଷ୍ୟା ବନ୍ଧନ



ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ କୋଣ୍ଡାଲଗୁଡା ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ର

## ଗ) ବନଖଣ୍ଡ ଏବଂ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଦ୍ୱାରା ଅନ୍ୟାନ୍ୟ ଜଙ୍ଗଲ ସୁରକ୍ଷା ପଦକ୍ଷେପ



କେନ୍ଦୁଝର ବନଖଣ୍ଡରେ ସର୍ବସାଧାରଣ ସଚେତନତା ରାଲି



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ନୂଆଗାଁ ବନ ସୁରକ୍ଷା ସମିତିରେ ବିଦ୍ୟାଳୟ ଛାତ୍ରୀ/ଛାତ୍ରମାନଙ୍କ ପାଇଁ ସଚେତନତା ଶିବିର

## ଘ) ବିଭିନ୍ନ ସରକାରୀ ବିଭାଗର ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ:



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କାଶିରାପାଟଣା ବନ ସୁରକ୍ଷା ସମିତିର ସଭ୍ୟମାନଙ୍କୁ ପନିପରିବା ଚାଷ ପାଇଁ ସହାୟତା



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କାନ୍ଦରାପଶି ବନ ସୁରକ୍ଷା ସମିତିର ସଭ୍ୟମାନଙ୍କୁ ପନିପରିବା ଚାଷ ପାଇଁ ସହାୟତା



କୋରାପୁଟ ବନଖଣ୍ଡ ଅନ୍ତର୍ଗତ ତଳଗୁଡା ବନ ସୁରକ୍ଷା ସମିତିର ସଭ୍ୟମାନଙ୍କୁ ହଳଦୀ ଚାଷ ପାଇଁ ସହାୟତା



କେନ୍ଦୁଝରର ବନଖଣ୍ଡ ଅନ୍ତର୍ଗତ ବିଷ୍ଣୁ ପାଟରାଣୀ ଏସଏଚଜି ସଭ୍ୟାମାନଙ୍କୁ ବନ୍ଧାକୋବି ଚାଷ ପାଇଁ ସହାୟତା

## ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶଗ୍ରହଣ




ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଯୋଗଦାନ



ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିଷ୍ଟଲର ଭିତର ଦୃଶ୍ୟ





ସମ୍ମାନନୀୟ ଅତିଥି ମାନଙ୍କ ଦ୍ୱାରା ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଷ୍ଟଲ ପରିଦର୍ଶନ





*Plantation Site at Badampahar Range of Mayurbhanj*

## OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ

ଓଡିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS) ଏବଂ ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (OMBADC)ର ମିଳିତ ସହଯୋଗରେ ଓଡିଶାର ପାଞ୍ଚଗୋଟି ବନ ଏବଂ ବନ୍ୟପ୍ରାଣୀ ବନଖଣ୍ଡର ୨୫ ଗୋଟି ବନାଞ୍ଚଳରେ ଏହି ଜୀବିକା ଉନ୍ନୟନ ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଅଛି। ଖଣିଜ ପଦାର୍ଥ ସଂପୂର୍ଣ୍ଣ ଅଞ୍ଚଳର ଜଙ୍ଗଲ ଉପକଣ୍ଠ ଅଧିବାସୀମାନେ ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିର ହ୍ରାସ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

ଏହି ପ୍ରକଳ୍ପର ଅବଧି ପାଞ୍ଚ ବର୍ଷ (୨୦୨୧-୨୨ ରୁ ୨୦୨୫-୨୬) ଏବଂ ଏହାର ମୋଟ ଖର୍ଚ୍ଚ ଅଟକଳ ୪୩.୪୩ କୋଟି ଟଙ୍କା, ଯାହା OMBADC ରୁ ପ୍ରାପ୍ତ ହେବାର ବ୍ୟବସ୍ଥା ରହିଛି। ସମୁଦାୟ ୯୦୦ ଗୋଟି ବନ ସୁରକ୍ଷା ସମିତି/ ପରିବେଶ ଉନ୍ନୟନ କମିଟିକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବନଖଣ୍ଡ ଗୁଡିକ ହେଲା- ରାଉରକେଲା, ବଣାଇ, କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ) ଓ ଦେବଗଡ।

ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପର କାର୍ଯ୍ୟକ୍ରମ ପାଇଁ OMBADC ଠାରୁ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିକୁ ୩୯.୫୧ କୋଟି ଟଙ୍କା ପ୍ରାପ୍ତ ହୋଇଅଛି।

**ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରକଳ୍ପର ନିମ୍ନଲିଖିତ କାର୍ଯ୍ୟକ୍ରମମାନ ସମ୍ପାଦିତ ହୋଇଅଛି :**

୧. ବନ ସଂରକ୍ଷଣ ସମିତି ଚିହ୍ନଟ ସହିତ ଗୋଷ୍ଠୀ ପ୍ରସ୍ତୁତିକରଣ କାର୍ଯ୍ୟକ୍ରମ।

୨. ବନ ସଂରକ୍ଷଣ ସମିତି ପୁନର୍ଗଠନ କାର୍ଯ୍ୟକ୍ରମ।

୩. ବନ ସଂରକ୍ଷଣ ସମିତି ସ୍ତରରେ ୯୦୦ ଗୋଟି ଗୋଷ୍ଠୀ ସ୍ତରୀୟ ତାଲିମ କାର୍ଯ୍ୟକ୍ରମ।

୪. ଜଙ୍ଗଲ ଅଧିକାର ଅଧିନିୟମ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଦୃଷ୍ଟିରେ ରଖି ସମସ୍ତ ୯୦୦ ଗୋଟି ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟିକୁ ଗ୍ରାମସଭାର ଉପ-କମିଟି ଭାବରେ ବିବଦ୍ଧ ଭାବେ ପ୍ରସ୍ତାବ ଅନୁମୋଦନ।

୫. ବନ ସଂରକ୍ଷଣ ସମିତିକୁ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ ଓ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ।

୬. ସମସ୍ତ ବନ ସଂରକ୍ଷଣ ସମିତିରେ ଉତ୍ପାଦ ଚିହ୍ନଟ ଏବଂ ଅନୁମୋଦନ କାର୍ଯକ୍ରମ।

୭. ସମସ୍ତ ୯୦୦ ଗୋଟି ବନ ସଂରକ୍ଷଣ ସମିତିରେ ପ୍ରକଳ୍ପ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରଣ ନିମିତ୍ତ ୫୧୮୧ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ ଚିହ୍ନଟ।

୮. ସ୍ୱୟଂ ସହାୟିକା ଗୋଷ୍ଠୀ/ ସମ ଆଗ୍ରହୀ ଗୋଷ୍ଠୀ ଏବଂ ଅତି ଗରିବ ଶ୍ରେଣୀର ଲୋକଙ୍କର ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ ଆବର୍ତ୍ତନ ପାଣ୍ଠି ପରିଚାଳାନା ଏବଂ ଆଜୀବିକା ଯୋଜନା ପ୍ରସ୍ତୁତି ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ କ୍ଷେତ୍ର କର୍ମଚାରୀ ମାନଙ୍କୁ ଏଥି ସମ୍ପର୍କିତ ତାଲିମ ପ୍ରଦାନ।

୯. ସମସ୍ତ ବନ ସଂରକ୍ଷଣ ସମିତି ଋଣ ଅନୁମୋଦନ କମିଟି ଗଠନ।

୧୦. ୯୦୦ ଗୋଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସଂରକ୍ଷଣ ସମିତି ସହଭାଗୀ ଗ୍ରାମ୍ୟ ଅବଧାରଣା (PRA) ପ୍ରକ୍ରିୟା ସଂପୂର୍ଣ୍ଣ।

୧୧. ୯୦୦ ଗୋଟି ପ୍ରକଳ୍ପ ଗ୍ରାମରେ ଆଜୀବିକା ଯୋଜନା ପ୍ରସ୍ତୁତି ସଂପୂର୍ଣ୍ଣ ଓ ଏହାର ଅନୁମୋଦନ ସଂପୂର୍ଣ୍ଣ।

୧୨. ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ ଅନ୍ତର୍ଭୁକ୍ତ ସମସ୍ତ ବନ ସୁରକ୍ଷା ସମିତିକୁ ସହାୟତା ରାଶି ପ୍ରଦାନ।

୧୩. ବନ ସୁରକ୍ଷା ସମିତି ସ୍ତରରେ ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ୨୬,୪୦୨ ଗୋଟି ବୈଠକ ଆୟୋଜିତ ହୋଇଛି ।

୧୪. ମାର୍ଚ୍ଚ, ୨୦୨୫ ସୁଦ୍ଧା ୫୮୧୦ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୫୫, ୮୨୦ ସଭ୍ୟାଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପ୍ରକଳ୍ପ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି ।

୧୫. ପ୍ରକଳ୍ପ କାର୍ଯ୍ୟ ଅବଧି ମଧ୍ୟରେ (୨୦୨୧-୨୨ ଆର୍ଥିକ ବର୍ଷ ରୁ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ) ଆନ୍ତଃ ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତିର ୨.୧୫ ଲକ୍ଷ ହିତାଧିକାରୀଙ୍କୁ ୮୦.୬୭ କୋଟି ଟଙ୍କାର ବିଭିନ୍ନ ଜୀବିକା ଉପାର୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଅଛି ।

୧୬. ୨୦୭୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ୫୮ ଗୋଟି ସମଆଗ୍ରହୀ ଗୋଷ୍ଠୀ ଏବଂ ୧୯୫୮ ଜଣ ଅତି ଗରିବ ବ୍ୟକ୍ତି ବିଶେଷଙ୍କ ଆୟ ସୃଷ୍ଟିକାରୀ ନିମିତ୍ତ ଭିଏସଏସ/ଇଡିସିରୁ ପ୍ରକଳ୍ପ ପ୍ରଦତ୍ତ ଆବର୍ତ୍ତନ ପାଣ୍ଠିରୁ ୧୧.୯୬ କୋଟି ଟଙ୍କାର ଋଣ ନେଇଛନ୍ତି ଏବଂ ୨.୮୦ କୋଟି ଟଙ୍କା ଫେରସ୍ତ କରିଛନ୍ତି ।

୨୦୨୪ -୨୫ ଆର୍ଥିକ ବର୍ଷରେ OFSDS-OMBADC ସହଭାଗୀ ଜୀବିକା ଉନ୍ନୟନ ପ୍ରକଳ୍ପ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଗ୍ରାମରେ ଅଗ୍ରାକାର ଭିତ୍ତିରେ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି ।

୨୦୨୫-୨୬ ଆର୍ଥିକ ବର୍ଷରେ, ପ୍ରକଳ୍ପ ଅଧୀନରେ ଥିବା ବନ ସୁରକ୍ଷା ସମିତି ମାନଙ୍କରେ ବିଭିନ୍ନ କାର୍ଯ୍ୟ ଯଥା, ଆଜୀବିକା ଯୋଜନା, ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ପାଇଁ ତାଲିମ ପ୍ରଦାନ, ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ବ୍ୟବସାୟ ଯୋଜନା ପ୍ରସ୍ତୁତି ଇତ୍ୟାଦି ପାଇଁ ୩.୯୧ କୋଟି ଟଙ୍କା ବିନିଯୋଗ କରିବାର ପ୍ରସ୍ତାବ ରହିଛି ।




*Checkdam at Keonjhar*

## SCHEME WISE PLANTATION TARGET UNDER DIFFERENT SCHEMES FOR THE YEAR 2025-26

| Sl No | Name of the Component | Name of Scheme | Physical Target (In Hectare) | | | | Avenue Pltn (In RKM) | Seedlings to be planted in lakh | Seedlings to be distributed in lakh |
|---|---|---|---|---|---|---|---|---|---|
| | | | AR in ha | ANR (With Gap Pltn) in ha | ANR without Gap Pltn Ha | Total in ha | | | |
| 1 | 2 | 3 | 4 | 5 | 6 | 7 | 8 | 11 | 12 |
| 2 | Bald Hill Plantations | | 30.00 | | | 30.00 | | 0.48 | |
| 3 | ANR with Gap Plnt @200 plants | | | 540.00 | | 540.00 | | 1.08 | |
| 4 | Casuarina Plantation | | 60.00 | | | 60.00 | | 1.50 | |
| 5 | Urban Tree Plantation in Lakh | | | | | | | 3.00 | |
| 6 | Distribution of 6 months seedlings in lakh | | | | | | | | 12.05 |
| | Total State Plan - IGC | | 90.00 | 540.00 | 0.00 | 630.00 | 0.00 | 6.06 | 12.05 |
| 7 | AR Plantations | State Plan - GMM | 125.00 | | | 125.00 | | 2.00 | |
| 8 | Casuarina Plantation | | 74.00 | | | 74.00 | | 1.85 | |
| 9 | Bald Hill Plantations | | 30.00 | | | 30.00 | | 0.48 | |
| 10 | ANR with Gap Plantation @200 plants | | | 535.00 | | 535.00 | | 1.07 | |
| 11 | Urban Tree Plantation in Lakh | | | | | | | 3.00 | |
| 12 | Distribution of 6 month seedlings in lakh | | | | | | | | 14.25 |
| | Total State Plan - GMM | | 229.00 | 535.00 | 0.00 | 764.00 | 0.00 | 8.40 | 14.25 |
| 13 | AR Plantations | | 1215.50 | | | 1215.50 | | 19.01 | |
| 14 | ANR with Gap Plantations | | | 18285.00 | | 18285.00 | | 79.38 | |
| 15 | Current CA, PCA | | 649.79 | 2755.47 | 5.00 | 3410.27 | | 22.70 | |

| | | | | | | | | | |
|---|---|---|---|---|---|---|---|---|---|
| 16 | Backlog CA, PCA | State Plan - CAMPA | 115.98 | 2830.28 | 14.63 | 2960.88 | | 24.43 | |
| 17 | Backlog other stipulation | | 32.25 | 63.56 | 10.90 | 106.71 | | 0.73 | |
| 18 | Other stipulation | | 26.84 | 117.55 | | 144.39 | 19.00 | 0.61 | |
| 19 | Tall Tree Plantataion | | | | | 0.00 | | 0.10 | |
| 20 | CATP | | | 300.00 | | 300.00 | | 1.50 | |
| | Total State Plan - CAMPA | | 2040.36 | 24351.87 | 30.53 | 26422.75 | 19.00 | 147.45 | |
| 21 | AR Plantations through CSR | OMC | 437.00 | | | 437.00 | | 6.99 | |
| | Total - OMC & MCL | | 437.00 | | | 437.00 | | 6.99 | |
| 22 | AR Plantation | MGNREGS | 32.00 | | | 32.00 | | 0.51 | |
| 23 | ANR with Gap Plantation @ 200 plants | | | 1580.00 | | 1580.00 | | 3.16 | |
| 24 | Avenue Plantation | | | | | 0.00 | 2014.00 | 5.04 | |
| 25 | Distribution of 6 months seedlings in lakh | | | | | 0.00 | | | 300.00 |
| | Total - MGNREGS | | 32.00 | 1580.00 | 0.00 | 1612.00 | 2014.00 | 8.71 | 300.00 |
| 26 | Mangrove Plantation | ECRICC / SDMF | 172.00 | | | 172.00 | | 4.68 | |
| 27 | Miyawaki Plantation | CSR | 73.00 | | | 73.00 | | 1.17 | |
| 28 | Green Credit Programme (GCP) | GCP | 20.00 | | | 20.00 | | 0.32 | |
| | STATE TARGET | | 3093.36 | 27006.87 | 30.53 | 30130.75 | 2033.00 | 183.78 | 326.31 |





*Landscape Plantation of RPRC Bhubaneswar*



*Distribution of Seedlings at Jeypore Forest Division*



*Distribution of Seedlings at Berhampur Forest Division*





*Distribution of Seedlings at Berhampur Forest Division*

## ଚାରାବିତରଣ କାର୍ଯ୍ୟକ୍ରମ ମାର୍ଗଦର୍ଶିକା

- ରାଜ୍ୟର ଜଙ୍ଗଲ ବ୍ୟତୀତ ଅନ୍ୟାନ୍ୟ ବାହ୍ୟ ଅଞ୍ଚଳକୁ ସବୁଜ ସୁନ୍ଦର କରିବା ପାଇଁ ଚାରା ବିତରଣର ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଗ୍ରାମ, ଗ୍ରାମ ପଞ୍ଚାୟତ, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠି ଓ ହିତାଧିକାରୀମାନଙ୍କ ସହାୟତାରେ ସମୂହ ସଚେତନତା ସୃଷ୍ଟି କରାଯିବା ଜରୁରୀ।
- ଚାରା ଉପଲବ୍ଧତା ସମ୍ବନ୍ଧରେ ବ୍ୟାପକ ପ୍ରଚାର (ଚାରା ପ୍ରଜାତି, ସଂଖ୍ୟା, ନର୍ସରୀର ଅବସ୍ଥାନ, ନର୍ସରୀ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ନାମ/ମୋବାଇଲ ଫୋନ ନମ୍ବର) ଇତ୍ୟାଦି ବୃକ୍ଷରୋପଣ ଋତୁ (Season) ଆରମ୍ଭ ପୂର୍ବରୁ ଚାରା ବଣ୍ଟନ ପାଇଁ ବିଜ୍ଞାପନ ବୋର୍ଡ କିମ୍ବା ଅନ୍ୟ ଗଣମାଧ୍ୟମରେ (Media) ପ୍ରଚାର କରାଯିବ।
- ଚାରା ବିତରଣ ପାଇଁ ଥିବା ଚାରା ଗୁଡିକୁ ଲୋକଙ୍କ ଚାହିଦା, ଜଳବାୟୁ ଓ ଜମିର ଆବଶ୍ୟକତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ସଜାଇ ରଖାଯିବା ଦରକାର।

- ୧ ଜୁଲାଇ, ୨୦୨୫ ରୁ ଜନସାଧାରଣ/ପ୍ରତିଷ୍ଠାନମାନଙ୍କୁ ଚାରା ବଣ୍ଟନ ଆରମ୍ଭ କରାଯିବା ଉଚିତ। ଆଗୁଆ ଆସିଥିବା ବ୍ୟକ୍ତିଙ୍କୁ ପ୍ରଥମେ ଅଗ୍ରାଧିକାର (first come first serve basis) ଭିତ୍ତିରେ ବିତରଣ କରାଯିବ।
- ବଣ୍ଟନ ବ୍ୟବସ୍ଥାକୁ ଶୃଙ୍ଖଳା ରଖିବା ପାଇଁ, ସର୍ବାଧିକ ଗୋଟିଏ ମାସ ବୃଦ୍ଧି କରାଯାଇପାରିବ। ବଣ୍ଟନର ପୁନରାବୃତ୍ତି (Repeat) ନ ହେବା ପାଇଁ ଉପଯୁକ୍ତ ପ୍ରମାଣ ପତ୍ର ଯଥା ହିତାଧିକାରୀଙ୍କ ନାମ, ତାଙ୍କ ପିତାଙ୍କ ନାମ ଏବଂ ସଂପୂର୍ଣ୍ଣ ଠିକଣା ପଞ୍ଜିକରଣ କରିବା ଉଚିତ। ଲୋକ ଗହଳିକୁ ଏଡାଇବା ପାଇଁ ବଣ୍ଟନ ଦିବସର ତାରିଖ ଉପଯୁକ୍ତ ଭାବେ ଯୋଜନା କରାଯିବା ଉଚିତ।
- ସରକାରୀ ନିୟମ ଅନୁଯାଇ ବଣ୍ଟନ ବ୍ୟବସ୍ଥାରେ ଉଭୟ ଜଙ୍ଗଲ ଓ ଔଷଧୀୟ ଚାରା ସାଧାରଣ ଜନତାଙ୍କ ପାଇଁ ଅତି କମ୍ ରେ ୧ ଟଙ୍କା ମୂଲ୍ୟ ପ୍ରଦାନରେ ବଣ୍ଟନ କରାଯିବ। ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ସଂସ୍ଥା ମାନଙ୍କୁ ବିନାମୂଲ୍ୟରେ ବଣ୍ଟନ କରାଯିବ।
- ହିତାଧିକାରୀ ମାନେ ବିତରଣ ଚାରା ଗୁଡିକୁ ନିଜ ଖର୍ଚ୍ଚରେ ରୋପଣ କରିବା ସ୍ଥାନକୁ ପରିବହନ କରିବା ସହିତ ଗଛ ଲଗାଇବା ସମୟରେ ବ୍ୟବହୃତ ଖତ, ସାର ଏବଂ ତାହାର ରକ୍ଷଣାବେକ୍ଷଣ ଇତ୍ୟାଦିର ଖର୍ଚ୍ଚବହନ କରିବେ।
- ସହରାଞ୍ଚଳ ପାଇଁ ଅଧିକତମ ୫ ଗୋଟି ଓ ଗ୍ରାମାଞ୍ଚଳ ପାଇଁ ୧୦ ଗୋଟି ବୃକ୍ଷଚାରା ପ୍ରତି ବ୍ୟକ୍ତି ବିଶେଷ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ଅଛି। ଏହି ସୁବିଧାର ଉପଲବ୍ଧି ନିମନ୍ତେ ପରିବାର ଓ ବ୍ୟକ୍ତି ବିଶେଷ ନିଜର (ଆଧାର କାର୍ଡ / ଭୋଟ ପରିଚୟ ପତ୍ର / ଡ୍ରାଇଭିଂଙ୍ଗ ଲାଇସେନ୍ସ / ଇଲେକ୍ଟ୍ରିକ୍ ବିଲ୍) ଦେବା ଆବଶ୍ୟକ।
- ଯେକୌଣସି ଅନୁଷ୍ଠାନକୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫୦-୨୦୦ ଚାରା ଦିଆଯିବ। ଅଧିକ ସଂଖ୍ୟକ ଚାରା ଆବଶ୍ୟକ କରୁଥିବା ଅନୁଷ୍ଠାନକୁ, ପ୍ରସ୍ତାବିତ ବୃକ୍ଷରୋପଣ ପାଇଁ ନିର୍ଦ୍ଧାରିତ ସ୍ଥାନର ଯାଞ୍ଚ୍ କରାଯିବ ଏବଂ ବଣ୍ଟନ କୋଟା ଅଧୀନରେ ନର୍ସରୀରେ ଚାରା ଉପଲବ୍ଧତା ଉପରେ ନିର୍ଭର କରି ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଆବଶ୍ୟକ ସଂଖ୍ୟକ ଚାରା ଯୋଗାଇ ଦିଆଯାଇପାରିବ।
- ନର୍ସରୀ ଅନୁଯାୟୀ ଏକ ବଣ୍ଟନ ରେଜିଷ୍ଟର ରଖାଯିବ ଏବଂ ଚାରା ନେବା ପରେ ସମ୍ପୃକ୍ତ ହିତାଧିକାରୀଙ୍କ ସ୍ୱାକ୍ଷର ଉକ୍ତ ରେଜିଷ୍ଟରରେ ରହିବା ଆବଶ୍ୟକ।
- ବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ପାଇଁ, ଚାରାଗୁଡ଼ିକର ବିକ୍ରୟ ଅର୍ଥ ବିଭାଗୀୟ ରସିଦ ମାଧ୍ୟମରେ କରାଯାଇ ତାହା ସରକାରୀ ରାଜସ୍ୱ ଆକାଉଣ୍ଟରେ ଜମା କରାଯିବ।
- ଯେକୌଣସି ଅନୁଷ୍ଠାନକୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୦୦୦ ଚାରା ସମ୍ପୃକ୍ତ ବିଭାଗୀୟ ବନଖଣ୍ଡ ଅଧିକାରୀଙ୍କ (DFO) ଅନୁମତିରେ ଦିଆଯାଇପାରିବ। ୧୦୦୦ ରୁ ଅଧିକ ଚାରା ଆବଶ୍ୟକତା ଥିଲେ ସମ୍ପୃକ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ (RCCF) ଦ୍ୱାରା ଅନୁମୋଦନ କରାଯିବ।
- ଶିକ୍ଷାନୁଷ୍ଠାନମାନଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ (CSR) / କମ୍ପାନୀ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ଚାରା Cost Norm (ମୂଲ୍ୟ ମାନଦଣ୍ଡ) ଅନୁସାରେ ଦିଆଯିବ।
- କଫି ବୋର୍ଡ/ କୃଷି ଓ କୃଷକ ସଶକ୍ତିକରଣ ବିଭାଗ / ମୃତ୍ତିକା ସଂରକ୍ଷଣ ଏବଂ ଜଳସେଚନ ଉନ୍ନୟନ ବିଭାଗ ଆଦି ସରକାରୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ଆବଶ୍ୟକ ଚାରା ମାଗଣାରେ ଯୋଗାଇ ଦିଆଯିବ।

## ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ (JFM)

- ସହଭାଗୀତା ଭିତ୍ତିରେ ଅଦ୍ୟାବଧି, ରାଜ୍ୟରେ ୧୬,୨୧୧ ଗୋଟି ବନ ସୁରକ୍ଷା ସମିତି ଗଠନ କରାଯାଇ ସେମାନଙ୍କର ସହଯୋଗରେ ସମୁଦାୟ ୧୩,୯୭୨.୩୪ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳର ସୁରକ୍ଷା କରାଯାଉଅଛି । ଏହା ସହିତ ୫୬୮ ଟି ପରିବେଶ ବିକାଶ କମିଟି ଗଠନ କରାଯାଇ ଜାତୀୟ ଉଦ୍ୟାନର ଅନ୍ତର୍ନିହିତ ଓ ବାହ୍ୟ ଅଞ୍ଚଳର ମଧ୍ୟ ସୁରକ୍ଷା ଦିଆଯାଉଅଛି । ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ନିମନ୍ତେ ବନ ସୁରକ୍ଷା ସମିତିମାନଙ୍କୁ ପ୍ରୋତ୍ସାହନ ଦିଆଯାଉଅଛି ।



*Marching with women who guard and protect  Kanteipali Forest in Ganjam, Berhampur Forest Division*




*VSS Awarness meeting at Khariar Forest Division*


LiFE
Lifestyle for Environment


ରାଜ୍ୟ ସ୍ତରୀୟ



ବନମହୋତ୍ସବ - ୨୦୨୪



Viksit Odisha | Vikshit Bharat



# 36 Flagship initiatives for Vikshit Odisha

"In pursuit of achieving goal of
**Green Odisha - Forests for Climate Action, Livelihoods and Growth for Vikshit Odisha**"



Forest, Environment & Climate Change Department



Designed & Printed at Jyoti Graphics, Bhubaneswar - 751 007, Tel.: 0674-2544209